Split by PDF Splitter



ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା। ଉତ୍ତମ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ।୵ ତିନ ଶିଶିରେ ଟ ୦ ।୵୦ ଓ ୬ ଶିଶିରେ ଟ ୧ ଓ ଉତ୍ତମ ଟ ୧୨

ସ୍ପ୍ରିଷ୍ଟ୍ରାକ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା।

| | |
|---|---|
| Manager<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ନମ୍ବର ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବିଜ୍ଞାପନ।

କବିରାଜ ଶ୍ରୀ କେଦାରନାଥ କବିରତ୍ନଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ।
୯୩।୨ ନଂ ବଲରାମଘୋଷଷ୍ଟ୍ରୀଟ, ସିମଲିଆ,
କଲିକତା।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ।

## ଯୋଗସିଦ୍ଧ ବଟିକା।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)
ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡା ଆରୋଗ୍ୟ ହୁଏ। କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିକୌଶଲ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଢେକ୍କାର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଲାଗେ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକ୍ରାକାର ଚିହ୍ନ, ବଣ୍ଡ୍ରୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଳୀଘା ନିଃସନ୍ଦେହ ଆରୋଗ୍ୟ ହୁଏ। କାନବେଦନା, ଗଣ୍ଡମାଳା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ। ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର, ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ। ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ।

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଚାରି ଅଣା। ଉଭୟ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ।

TRADE MARK — W. MAJOR & CO'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ! ପ୍ରତ୍ୟକ୍ଷ ଫଳପ୍ରଦ!!
ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି
"ଇଲେକ୍ଟ୍ରୋ ସାଲସା"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରାରୀ କୃତ।
ବହୁ ପରୀକ୍ଷିତ! ବିଶେଷ ପ୍ରଶଂସିତ!!!
ଅଦ୍ଭୁତ ଓ ଅଲୌକିକ।

ଆଉ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ଦେବ ନାହିଁ। ଆଉ ତାହାଙ୍କୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ଦେବ ନାହିଁ। ଯେହେତୁ—

ଇଲେକ୍ଟ୍ରୋ ସାଲସା:—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି।

ଇଲେକ୍ଟ୍ରୋ ସାଲସା:—ପ୍ରତ୍ୟହ ଯେରୂପ ହଜାର ହଜାର ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ଶତ ଶତ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି।

ଇଲେକ୍ଟ୍ରୋ ସାଲସା:—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ, ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ ହାରାଇଥିବା ବଳ ବୀର୍ଯ୍ୟ ପୁଣି ଫେରି ଆସେ।

ଇଲେକ୍ଟ୍ରୋ ସାଲସା:—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଗଜେଟରେ ପ୍ରଚଳିତ ଓ ବର୍ଣ୍ଣିତ ହେଉଥିବା କି ସ୍ୱଦେଶୀ କି ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କେବଳ—

ଇଲେକ୍ଟ୍ରୋ ସାଲସା।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ। ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି। ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାକିଦ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି। ବଡ଼ ବଡ଼ ହାସପାତାଲରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି। ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି। ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି। ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ—ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା!!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଆଗରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ।

ଇଲେକ୍ଟ୍ରୋ ସାଲସା।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଙ୍ଗପ୍ରତ୍ୟଙ୍ଗ ଫୁଲିବା ଲୁଣ୍ଠେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଷ୍ଠ ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ପାଣି ଗରମି-ସାଦା ବା କଳା ଚିହ୍ନ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରଦ ଓ ଗରମି-ବିଷର ଜଡ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ।

ଇଲେକ୍ଟ୍ରୋ ସାଲସା।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ସ୍ନାୟବିକ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ରନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହୁଅନ୍ତି ବା ଅତ୍ୟଧିକ ସହବାସ ହେତୁ ସ୍ମରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚିତ୍ତର ଅସ୍ଥିରତା, ନିର୍ଜନ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ୨ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ଭ୍ରମରେ ବଣ କ୍ରୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

" ଇଲେକ୍‌ଟ୍ରୋ ସାଲସା " ଧାତୁ ରୋଗର ପ୍ରକୃତ ଔଷଧ ! ଯେହେତୁ କୋଟିଏ ରୋଗୀ ସୁଦ୍ଧା ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟରି କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର୍—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ଇତ୍ୟାଦି ଅମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନି," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହି ପରି ଅବିକଳ " ଟ୍ରେଡ଼ମାର୍କ " ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA TRADE MARK

ଅମେରିକା ପ୍ରବାସୀ ବୈଜ୍ଞାନିକ ଜଗଦ୍ବିଖ୍ୟାତ ମହାତ୍ମା ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ ;—

"ଇଲେକଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ହୋଇ ଛାଡ଼ିଦେଇଅଛନ୍ତି ଏହି ମହୌଷଧ ସେହି ରୋଗର ବ୍ରହ୍ମାସ୍ତ୍ର !

ଇଲେକ୍‌ଟ୍ରୋ ସାଲସା;—ଉଦ୍ଭାବିତ ଉପାୟରେ ରାସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ରୋଗୀମାନଙ୍କ ଦେହରେ ଏହାର ଅଦ୍ଭୁତ କିମ୍ବା ପ୍ରଭାବ ଥାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରର କୌଣସି ବୈଦ୍ୟୁତିକ କିମ୍ବା ଚମ୍ବକ ହୋଇ-ଗଲା । ଏହିଠାରେ ଏହାର ଶକ୍ତିମତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଆମ୍ଭମାନଙ୍କ ଶିକ୍ଷା ଦେଇଅଛନ୍ତି ଯେ ଜଗତର ଇଶ୍ୱରଙ୍କ ବିଦ୍ୟୋଧ୍ୟ ଶକ୍ତି ହିଁ ପ୍ରକୃତର ଜୀବନ । ଜଗତର ପ୍ରକାଣ୍ଡ ବ୍ୟାପାର ପ୍ରକୃତ ଦେବୀ ହସ୍ତଗତା । ଏପରି ଜଗତର ସମସ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଜଗଜ୍ଜ ପଣ୍ଡିତମାନେ କହନ୍ତି, ବାଲ୍ୟ ସ୍ୱପ୍ନର ଉଚ୍ଛୃଙ୍ଖଳତାରେ ଓ ସ୍ୱାସ୍ଥ୍ୟ ଭଙ୍ଗର କାରଣରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ସାର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସମ୍ବନ୍ଧୀୟ ଯେ, ଇହାର ସମତା ରକ୍ଷା ହୋଇ ନ ପାରେ । ତଡ଼ିତାର ଶକ୍ତି ସଂଯୋଗ ବ୍ୟତୀତ କୌଣସି

ଔଷଧରେ ସେ ଅଭାବ ସମ୍ପୂର୍ଣ୍ଣ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରି ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟକ ପ୍ରୟୋଗ କରନ୍ତି ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି କଷ୍ଟକର ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତାହାର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଶିକ୍ଷିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଳ୍ପ ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ଜଗତର ମନସ୍ୱୀ ଜନତା ହାସ ଡାକ୍ତର ମେଜର ତାଡ଼ିତଶକ୍ତିର ଆଭ୍ୟନ୍ତରିକ ପ୍ରୟୋଗାର୍ଥ ତାହାକୁ ବିବିଧ ଭେଷଜ ସାର୍ଥରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଜନ କରି ପଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅଲୌକିକ ସନ୍ଧାନରେ ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!

ଅଳ୍ପ କାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଥରେ ଏହି ମହୌଷଧକୁ ଏହି ମହାକାର୍ଯ୍ୟକୁ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି, ନାଲିଘା, ଖାଉଜ, ଦାଉ, କୁଣ୍ଠ, ଗଣ୍ଡମାଳ, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ତକ୍ଷ ଜଳିବା, ମୁଣ୍ଡ ଘୂରାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତିକା ମାଗିଲେ ଦେଉ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୨୪ ୩ ଶିଶିକୁ ଟ ୫, ୬ ଶିଶିକୁ ଟ ୧୦, ଡଜନକୁ ଟ ୨୦ ଡଜନ ପ୍ରତି ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ଟ ୦।୵, ୩ ଶିଶିରେ ଟ ୦।୵, ୬ ଶିଶିରେ ।୵, ଡଜନରେ ଟ ୧।୵ ।

ଆମ୍ଭମାନଙ୍କର ସମ୍ବାଦ ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ
Calcutta } କଲିକତା
TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଶର୍ତ୍ତ ଟ ୦ ୪ ଠାରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥଥର ସକାଶେ ଶର୍ତ୍ତ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉଦୟଚନ୍ଦ୍ରରେ ପ୍ରିଣ୍ଟିଙ୍ଗ କମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

## ସାପ୍ତାହିକ ସମ୍ବାଦ ।

### ପୁରୀ-ସମ୍ବାଦ ।

ପୁରୀର ଧର୍ମଶାଳା ଏବ ଯାତ୍ରୀ ବାସ ସମ୍ବନ୍ଧୀୟ ସଭା ଯାହା ଗତ ବୃହସ୍ପତିବାର ୧୬ ଅଗଷ୍ଟ ଏବ ଅପରିହାର୍ଯ୍ୟ କାରଣରୁ ୨୪ ଅଗଷ୍ଟ ହୋଇ ପାରି ନାହିଁ, ତାହାର ଅଧିବେଶନ ଗତ ୨୭ ଅଗଷ୍ଟ ବୁଧବାର ସନ୍ଧ୍ୟା ୬ ଘଣ୍ଟା ସମୟରେ ୮ ଶ୍ରୀ ଲକ୍ଷ୍ମୀବୋଲକ ମନ୍ଦିରରେ ହୋଇଥିଲା । ଏହି ସଭାର କାର୍ଯ୍ୟରେ ବହୁ ଭଦ୍ରଲୋକମାନଙ୍କ ଉତ୍ସାହ ପ୍ରକାଶ ପାଇଅଛନ୍ତି ସେହି ସଭାର ପ୍ରଧାନ ସଭାପତି ପଦରେ ରାଜମନ୍ତ୍ରୀ ପଣ୍ଡିତ ଶଙ୍କର ଶ୍ରୀ ମଧୁସୂଦନ ତୀର୍ଥସ୍ୱାମୀ ଜଗଦ୍ଗୁରୁ ନିଯୁକ୍ତ ହୋଇଅଛନ୍ତି ଏବ ସ୍ଥାନୀୟ ଅନେକ ସମ୍ଭ୍ରାନ୍ତ ଲୋକମାନେ ମେମ୍ବର ସ୍ୱରୂପ ମନୋନୀତ ହୋଇଅଛନ୍ତି । ସେମାନେ ଏହି କମିଟିର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବେ ଏବ ସମସ୍ତ ଭାରତ ବର୍ଷବାସୀଙ୍କ ନିକଟରୁ ଚନ୍ଦା ସଂଗ୍ରହ କରି ବହୁତ ସଂଖ୍ୟକ ଲୋକମାନଙ୍କର ବାସୋପଯୋଗୀ ଗୃହ ସମୂହ ଯାତ୍ରୀ ସ୍ଥାପିତ କରି ଗରିବ ଯାତ୍ରୀମାନଙ୍କ ଅବରିକ୍ତ ଗୃହ ଭଡ଼ାର କଷ୍ଟରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ପ୍ରବୃତ୍ତ ହୋଇଅଛନ୍ତି । ଅତଏବ ଉକ୍ତ ମହୋଦୟମାନେ ଏଥିରେ ସେମାନଙ୍କର ଯଥାନୁଯାୟୀ ସହାନୁଭୂତି ପ୍ରକାଶ କରିବାକୁ କେବେହେଁ ସଙ୍କୁଚିତ ହେବେ ନାହିଁ ।

ଏହି ସଭାର ନିୟମାବଳୀ କ୍ରମଶଃ ପ୍ରକାଶ କରାଯିବ ।

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡଙ୍କ ଖର୍ଚ୍ଚରେ ଚଳ୍ଳୀ ଓ କଲେଇମାନେ ଦଳଦଳା ଶ୍ରୀରାମପୁର ମୂକାମଲୁ ସାଇଁ ଦୂରଗାମୀ ମାଲ୍କୁଦ୍ୱାର କାର୍ଯ୍ୟ ନିକ୍ଷି ଅଛି ଏଠାରେ ଉକ୍ତ ଧରଣରେ କାର୍ଯ୍ୟ ହେଉଥିଲେ କେତେ ଘରର ଅଭାବ ଥିବା ହେତୁ ଉକ୍ତ କାର୍ଯ୍ୟ କେତେକ ଦିନ ସକାଶେ ବନ୍ଦ ଥିଲା । ବର୍ତ୍ତମାନ ସେଥି ସକାଶେ ଗୋଟିଏ ସ୍ୱତନ୍ତ୍ର ଘର ତିଆରି ହୋଇ ତନ୍ତ୍ର ବସି କାର୍ଯ୍ୟ ହେଉଅଛି । ଅତଏବ ଏ ଜିଲ୍ଲାର ସମସ୍ତ ପ୍ରଜା ଓ ଜମିଦାର ଓ ଭଦ୍ରଲୋକମାନଙ୍କୁ ଜଣା କରା ଯାଉ ଅଛି ଯେ ସେମାନଙ୍କ ଜମିଦାରୀ ଓ ଗ୍ରାମରେ ଥିବା ପ୍ରଜା ଓ ଗ୍ରାମବାସୀମାନଙ୍କ ଉପକାରାର୍ଥେ ଏଠାରେ ଉକ୍ତ କାର୍ଯ୍ୟମାନ ଶିକ୍ଷା କରାଇବା ନିମନ୍ତେ ଯଦି ତାହାର ଇଚ୍ଛା ଥାଏ ତେବେ ସେମାନଙ୍କୁ ଏଠାକୁ ପଠାଇଦେଲେ ଡିଷ୍ଟ୍ରିକ୍ଟ ବୋର୍ଡ ସେମାନଙ୍କୁ ଦୂରଗାମୀ ଚଲ୍ଲ ତିଆରି କରି ଓ ଚଲ୍ଲରେ ବୁଣିବା କାର୍ଯ୍ୟ ବିନା ପଇସାରେ ଶିକ୍ଷା ଦେବେ ।

*District Board's Office*
*Dated the 27th August 1902*
*Vice Chairman*

## ଏହାଇ ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ କିଛିମୁ ସତ୍ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବିନା ଜ୍ୱାଳା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବଜନ କର୍ତ୍ତୃକ ଏହା ଆଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ କେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ଲେଖିଲେ ବ୍ୟବସ୍ଥାପକସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—
ଶ୍ରୀ ରମଡାରକ ସେନ
ଦେବ ଉତ୍କଳପ୍ରେସ, ବାଲେଶ୍ୱର

## NOTICE.

Tenders are invited for the construction of some Bungalows on some lands belonging to Zemindar N. R. Chowdhury Esquire, in the town of Cuttack. Contractors wishing to have the work will apply to the undersigned with terms and rates before the 30th August 1902. Further information can be obtained at his office in Kazi Bazar between 11 A. M. and 5 P. M. within the specified time.

*Bepin Behary Mukerji*

## ବିଜ୍ଞାପନ ।

ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀ ଜମିଦାର ମହାଶୟଙ୍କ କଟକ ସହରରେ ଥିବା କେତେକ ଜମି ଉପରେ କେତେକ ବଙ୍ଗଳା କୋଠି ପ୍ରସ୍ତୁତ କରାଇବାର ଆବଶ୍ୟକ ଥିବାରୁ ଠିକାଦାରମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆ ଯାଉଅଛି କ ଯେ ସେମାନଙ୍କ ମଧ୍ୟରେ କିଏ କେତେ ଦରରେ ଉକ୍ତ କୋଠିର ଇଟା ଓ କାଠର କାର୍ଯ୍ୟ କରି ପାରିବେ ତାହା ଆଗାମୀ ଅଗଷ୍ଟମାସ ତା ୩୦ ରିଖ ମଧ୍ୟରେ ଜମିଦାର ମହାଶୟଙ୍କ କଟକ ସହରସ୍ଥ କାଜିବଜାର କୋଠା ମୁକାମରେ ଉପସ୍ଥିତ ହୋଇ ଜଣାଇବେ ଅନ୍ୟ ବିଷୟ ଜାଣିବାର ଆବଶ୍ୟକ ହେଲେ ଉକ୍ତ ତାରଖ ମଧ୍ୟରେ ବେଳ ଘ ୧୧ ଘଟାରୁ ଘ ୫ ଘଟା ପର୍ଯ୍ୟନ୍ତ କାଜିବଜାର କୋଠା ମୁକାମରେ ଜାଣି ପାରିବେ । ଇତି—

*Bepin Behary Mukerji*
30-7-02

## ବିଜ୍ଞାପନ ।

**ପ୍ରାଥମିକଅଙ୍କଶିକ୍ଷା**—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ନିମ୍ନ ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କୁ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ପ୍ରଶ୍ନର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ତିନିଅଣା ମାତ୍ର ।

**ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ**—ଇଣ୍ଟର୍ଲିଲର, ଅପରପ୍ରାଇମେରୀ ଓ ନିମ୍ନପ୍ରାଇମେରୀ ପରୀକ୍ଷାର୍ଥିମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପଞ୍ଚଶତାଧିକ ସୁନ୍ଦର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବେଷ୍ଟ ହୋଇଅଛି । ମୂଲ୍ୟ ଟ ୦। ମାତ୍ର ।

**ତୃତୀୟପାଠରବ୍ୟାଖ୍ୟା**—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳାବହ ପ୍ରଶ୍ନମାନ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ବାଳବନ୍ଧୁ**—ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପଦ୍ୟାକାରରେ ଲିଖିତ ହୋଇଅଛି । ମୂଲ୍ୟ ଟ ୦୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍ଏଜେଣ୍ଟମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଆମଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଆଶାତୀତ କମିଶନ ଲାଭ କରିବେ ।

ଶେଖ ମନିରୁଦ୍ଦୀନ
ହେଡ୍ମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ିଲ୍ସ୍କୁଲ କଟକ ।

## ବିଜ୍ଞାପନ ।

ସନ ୧୯୦୨ ମସୀହା ଡିସେମ୍ବର ମାସରେ ବୋମ୍ବାଇ ଦେଶ ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ତୁଃଖିହିଦ୍,
ଜେନରଲ ସେକ୍ରେଟେରୀ
ଇଣ୍ଡିଆନଇଣ୍ଡଷ୍ଟ୍ରିୟଲ ଏକ୍ଜିବିସନ

Digitized by srujanika@gmail.com

## ବିଜ୍ଞାପନ ।

# ଫଲେନ ପରିଚୀୟତେ

ଭିଷଗ୍‌ଜ ଶ୍ରୀଛକଡ଼ି କର କବିରତ୍ନଙ୍କର

**ଅନ୍ନପୂର୍ଣ୍ଣା**

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୧ ୧

### ଶୁକ୍ରବର୍ଦ୍ଧକ ବଟିକା

ଏହି ଔଷଧ ସାର୍ଯ୍ୟ ସ୍ତମ୍ଭାର୍ଥକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ସାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଭିମତ ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୫ ମାତ୍ର ।

### ଜଲ୍ଣ୍ଡର ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ କଳାଟ ଓ ଚଟାଟ ଦାଗ; ଖୋଟକୋପୃତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୫ ମାତ୍ର ।

ଏକକାଳେ ତିନିଶିଶି ନେଲେ ଟ ୪୧ ଙ୍କା ଲାଗେ ।

ଚୌଧୁରୀ ବଜାର, କଟକ } ଶ୍ରୀ ଛକଡ଼ି କର କବିରତ୍ନ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ସୋନପୁର(?), ସରାଇକଳା, ସୋନପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଖାଙ୍ଗପୁର, ତାଳଚେର, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ପେଟି, ଚାଦର, କାବା, ସଙ୍ଗୀ, ଦୋପଟା ମଣ୍ଡିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରହିଅଛି ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହୀରାର ହାରଦା ପ୍ରଭୃତି ବରାତ ଅନୁସାରେ ତିଆର କରିଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଯେଉଁ ଠିକଣାରେ ଯେ ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ଯାଦୁମାଲ ଗୋକୁଳଚାନ୍ଦ
ଲୁଟେରାଜି ଫାଟକ ବନାରସ ସିଟି

## ବିଜ୍ଞାପନ ।

### ଏଉଟ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪ ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ଯନ୍ତ୍ରଣାଶୂନ୍ୟରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ — ଏଇଚ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।

## ବିଜ୍ଞାପନ ।

### ନୂତନ ପୁସ୍ତକ ।

| | |
|---|---|
| କଥାଶିକ୍ଷା ( ନୂତନ ଛାପା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| କାମରତ୍ନଗୀତା ୨ୟ ଭାଗ | ଟ ୦ । |
| ମଣ୍ଡସଦନ ସ୍ତବ | ଟ ୦ ୵ ୬ |
| ପ୍ରବନ୍ଧ ଅଶ୍ୱିନୀଚନ୍ଦ୍ର ବା କାଦମ୍ବରୀ ଉପନ୍ୟାସ (ଛନ୍ଦ) | ଟ ୦ ୵ |
| ଭକ୍ତି-ସଙ୍ଗୀତ | ଟ ୦ ୵ |
| ଚୈତନ୍ୟଗୀତା | ଟ ୦ ୵ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ ୵ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

### WANTED

A passed Compounder on a pay of Rs. 10 per month for the Nayagurh State Dispensary. Applications will be received by the undersigned till 31st instant.

Nayagurh 8-8-02 } A. C. Das, *Government Agent.*

## ବିଜ୍ଞାପନ ।

ଉତ୍କଳର ଅମୂଲ୍ୟକୀର୍ତ୍ତି

# ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନିଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ କ୍ରୟ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ଚାରିଅଣା ମୂଲ୍ୟରେ ପାଇବେ । ପରେ ପ୍ରକୃତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

କାଳୀଗଳି, କଟକ, ୨୨।୬।୧୯୦୨ } ଶ୍ରୀ ଫଣିଭୂଷଣ ଦାସ, ପ୍ରୋପ୍ରାଇଟର—ଗୁପ୍ତପ୍ରେସ


ଶ୍ରୀ ମୂଲଚନ୍ଦ ଦେଶ ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C 81



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଭା ୩୭ ଶ }
ସଂ ୩୬ ସଂଖ୍ୟା }

CUTTACK, SATURDAY THE 6th September 1902.
ତା ୨୨ ଭାଦ୍ର ସନ ୧୩୦୯ ସାଲ ଶନିବାର

{ ଅଗ୍ରୀମ ଟ ୩୧
{ ପଶ୍ଚାଦେୟ ଟ ୬୧


## ବିଜ୍ଞାପନ ।

## ନୂତନ ନାଟକ ।

ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ
ପ୍ରଣୀତ

## ଯୁଗଧର୍ମ ନାଟକ ।

କଟକ ପ୍ରିଣ୍ଟିଂକୋମ୍ପାନିଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ
ମୂଲ୍ୟ ୧୦ ୫

## ବିଜ୍ଞାପନ ।



ନବୀନ ନବୀନାର ସୋହାଗର
ସାମଗ୍ରୀ ।

ପ୍ରେମ୍ୟସୀର ପ୍ରେମ୍ସ ଉପହାର, ଅତି ଅପୂର୍ବ ।
ଏଲତ, ଭ ଲୁଣ୍ଡର ଅଭିନବ ଆବିଷ୍କାର
"ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ଅଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବର୍ଜ୍ଜିତ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆ-ଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହ-ମାନେ ବ୍ୟବହାର କରୁଥିଲେ; କିଣ୍ଟୁର ଲୁଣ୍ଡ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଅତି ସହଜ ହେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡାକର ଟ ୵୪ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ଟ ୦ ୴୵ ଅଣା, ଡାକରେ ଟ ୦ ୵୪ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"ଲୁଣ୍ଡ ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାସ୍ତନସି କୋଷର ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର କ୍ଷତ, ଘା, ଗର୍ମି-ବାଘି ପ୍ରଭୃତି
ଅରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।
"ଓଁକାର ଘାର କାଳ"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନଲଷନ୍ଧି ପର୍ଯ୍ୟନ୍ତ ଅରୋଗ୍ୟ ହୋଇ ଯାଏ । ଅଥଚ ଜାଳ ପ୍ରଭୃତି କୌଣସି ପ୍ରକାର ଜ୍ୱାଳା ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧୨ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ:—"ଡବଲିଉ, ମେଜର ଏଣ୍ଡ କୋମ୍ପାନୀ", —କଲିକତା ।



## NOTICE.

Wanted a graduate strong in English and Mathematics for the 3rd Mastership of the Khurda High School on a salary of Rs 35 per mensem temporarily for 2 years with prospects of being permanent. Applications with copies of testimonials will be received by the undersigned up to the 10th proximo. The selected candidate will have to give a guarantee for 2 years,

KHURDA }
27-8-02 }

Sd J. E, FRIEND-PEREIRA
Secretary.



## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ-ଅଛି ଯେ ଆମ୍ଭର ଇଷ୍ଟେଟର ମେନେଜର ଶ୍ରୀ ବାବୁ ରାମଲାଲ ବାଗଚିଙ୍କୁ ଆମ୍ଭେ କେତେକ କାରଣ ବଶତଃ ତା ୧ । ୭ । ୦୨ ରେ କାର୍ଯ୍ୟରୁ ସସପେଣ୍ଡ କରିଥିଲୁ ଓ ତା ୨। ୮। ୦୨ ରେ କାର୍ଯ୍ୟରୁ ଡିସ୍‌ମିସ କରିଅଛୁଁ ଏବଂ ତାଙ୍କ ନାମରେ ଆମ୍ଭେ ଦେଇଥିବା ଆମମୋକ୍ତାରନାମା ଉକ୍ତ କାରଣରୁ ଆମ୍ଭେ ରଦ କରିଥିବାରୁ ତାହା ଅକର୍ମଣ୍ୟ ହୋଇ-ଅଛି ଉକ୍ତ ଆମମୋକ୍ତାରନାମା ବଳରେ ସେ କୌଣସି କାର୍ଯ୍ୟ କରି ନ ପାରନ୍ତି ଯଦି ସେ ଉକ୍ତ କ୍ଷମତା-ପତ୍ର ବଳରେ କୌଣସି କାର୍ଯ୍ୟ କଲନ୍ତି କର୍ମ୍ମ କରୁଥାନ୍ତି ସେଥିସକାଶ ଆମ୍ଭେ କିମ୍ବା ଆମ୍ଭର ଇଷ୍ଟେଟ ଦାୟୀ ହେବ ନାହିଁ । ଇତି ।

· ଶ୍ରୀ ନରେନ୍ଦ୍ରନାଥ ରାୟ ଚୌଧୁରୀ
ଜମିଦାର କଟକ ।


Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଦୁର୍ଗାପୂଜାଦି ପର୍ବ ଉପଲକ୍ଷରେ କଲିକତା ହାଇକୋର୍ଟ ଚଳିତ ସେପ୍ଟେମ୍ବର ମାସ ତା ୫ ରଖ ଶୁକ୍ରବାର ଗଣେଶ ଚତୁର୍ଥୀ ଦିନଠାରୁ ବନ୍ଦ ହୋଇଅଛି । କାର୍ତ୍ତିକ ପୂଜା ପରେ ଅର୍ଥାତ୍ ଅସନ୍ତା ନବମ୍ବରମାସ ତା ୧୨ ରଖ ସୋମବାର ଦିନ ଫିଟିବ । ସୁତରାଂ ମୋଟ ୬୮୬ ଦିନ ବନ୍ଦ ରହିବ । ଶ୍ରୀଯୁକ୍ତ ଷ୍ଟିଭେନ୍ସ ଏବଂ ଶ୍ରୀଯୁକ୍ତ କେଣ୍ଡ୍ରକ୍ଷନ ବିଚାରପତିମାନେ ବନ୍ଦ ସମୟରେ କର୍ତ୍ତୃତ୍ୱ କରିବେ ।

———

ଗତ ସପ୍ତାହରୁ ଭାରତର ପ୍ରାୟ ସକଳ ପ୍ରଦେଶରେ ବୃଷ୍ଟି ହେଉଅଛି ଏବଂ ପଞ୍ଜାବ, ମଧ୍ୟଭାରତ, ଗୁଜରାଟ, ହାଇଦରାବାଦ ପ୍ରଭୃତିରେ ନ୍ୟୂନାଧିକ ବୃଷ୍ଟି ହେତୁ ମରୁଡିର ଆଶଙ୍କା ଅଂଶିତ ଊଣା ହୋଇଅଛି । ମେଘର ଗତିରୁ ଜଣା ଯାଉଅଛି ଯେ ଶେଷ ସବୁ ସ୍ଥାନରେ ଅତି କଚ୍ଛଦନ ବୃଷ୍ଟି ହେବ । ଯେବେ ତହିଁର ପରିମାଣ ଆଶାନୁରୂପ ହେବ ତେବେ ଫସଲ ରକ୍ଷା ପାଇଯିବ ଏବଂ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଗବର୍ଣ୍ଣମେଣ୍ଟ ଯେଉଁ ଆୟୋଜନ କରୁଅଛନ୍ତି ତେତେ ଦରକାର ହେବ ନାହିଁ । ଏ ପର୍ଯ୍ୟନ୍ତ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଊଣା ନ ହୋଇ ବରଂ ବୃଦ୍ଧି ହେବାରେ ଅଛି । ଗତ ସପ୍ତାହରେ ଦୁର୍ଭିକ୍ଷସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୫ ଲକ୍ଷ ୭୨ ହଜାର ଅର୍ଥାତ୍ ତହିଁ ପୂର୍ବସପ୍ତାହଠାରୁ ୭୯,୩୭୯ ଅଧିକ ଥିଲା ।

———

ଗତ ଜୁନ ମାସରେ ଶେଷ ହେବା ତ୍ରୈମାସିକ ହିସାବରୁ ପ୍ରକାଶ ଯେ ଓଡ଼ିଶାର ଗୋଲାମାନଙ୍କରେ ସ୍ଥାନୀୟ ପ୍ରସ୍ତୁତ ଲୁଣ ଯେତେ ସଞ୍ଚିତ ଥିଲା ସେ ସମସ୍ତ ସେହି ସମୟ ମଧ୍ୟରେ ଶେଷ ହୋଇଅଛି । ଅର୍ଥାତ୍ ସଞ୍ଚିତ ଥିବା ମ ୭୦,୫୬୬ ମଣ ଲୁଣ ମଧ୍ୟରୁ ମ ୫୦,୩୫୦ ମଣ ବିକ୍ରୟ ଏବଂ ଅବଶିଷ୍ଟ ମ ୬୦,୭୯୬ ମଣ ଭସ୍ମ ହୋଇଅଛି । ଏବେ ଓଡ଼ିଶା ଲୁଣ ବଜାରରୁ ଅନ୍ତର୍ହିତ ହେଲା । ଏଣିକି ଯେବେ ଓଡ଼ିଶାରେ ଲୁଣ ପ୍ରସ୍ତୁତ ହେବାର ଗବର୍ଣ୍ଣମେଣ୍ଟ ଅନୁମତି ଦେବେ ତେବେ ଏ ବ୍ୟବସାୟ ଏ ପ୍ରଦେଶରେ ଚଳିବ । କିନ୍ତୁ ଆମ୍ଭେମାନେ ସମୁଦ୍ର କୂଳରେ ବାସ କରି ନଜ ନିତାନ୍ତ ଦରକାର ନିମିତ୍ତ ଲୁଣ ସକାଶେ ଅନ୍ୟ ଦେଶର ବ୍ୟବସାୟୀଙ୍କର ଅନୁସରଣ କରିବାକୁ ହେଉଅଛି । ଏ ଦୁଃଖ କି ଗବର୍ଣ୍ଣମେଣ୍ଟ ବୁଝିବେ ନାହିଁ ?

———

କଲିକତା ଛଡ଼ା ଭାରତର ଅନ୍ୟ ସମସ୍ତ ନଗର ଓ ଜିଲ୍ଲାରେ ଅସନ୍ତା ଜାନୁୟାରି ମାସ ତାଂରଖରେ ଭାରତସମ୍ରାଟ ଏବଂ ସାମ୍ରାଜ୍ଞୀଙ୍କର ଶୁଭ ଅଭିଷେକରେ ଯେମନ୍ତ ମଙ୍ଗଳ ଅନୁଷ୍ଠାନ ଏବଂ ଉତ୍ସବ ହେବ ତହିଁର ବିସ୍ତାରିତ ଆଦେଶ ମହାମାନ୍ୟ ଗବର୍ଣ୍ଣରଜେନେରଲ ଗତ ଇଣ୍ଡିଆ ଗେଜେଟରେ ପ୍ରଚାର କରିଅଛନ୍ତି । ସଲମି ତୋପ ଧ୍ୱନି, ଘୋଷଣାପତ୍ର ପାଠ, ଦରିଦ୍ର ଓ ସ୍କୁଲଛାତ୍ରମାନଙ୍କର ଭୋଜ, ଯୋଗ୍ୟବ୍ୟକ୍ତି ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ, ରୋଷନାଇ ଇତ୍ୟାଦି ତହିଁର ଉତ୍ସବର ପ୍ରଧାନ ଅଙ୍ଗ ହେବ । ଏଥି ଉପରେ ଲୋକେ ଆଉ ଯେତେ ଆମୋଦ ପ୍ରମୋଦ କରି ପାରିବେ । ଯେ ସମସ୍ତ ଦପ୍ତର ବା ମହକୁମା ବନ୍ଦ ହେଲେ ବ୍ୟବସାୟ ବାଣିଜ୍ୟର ଅତ୍ୟନ୍ତ ଅସୁବିଧା ହେବ ସେ ସମସ୍ତ ଛଡ଼ା ଅନ୍ୟ ଦପ୍ତରମାନ ଜାନୁୟାରି ମାସ ତା ୬ ରଖଠାରୁ ତା ୮ ରଖ ପର୍ଯ୍ୟନ୍ତ ବନ୍ଦ ରହିବ । ଏଥିର ବିସ୍ତାରିତ ବିବରଣ ଆମ୍ଭେମାନେ ଆସନ୍ତା ସପ୍ତାହରେ ପ୍ରକାଶ କରିବୁଁ ।

———

ବାଲେଶ୍ୱର ସମ୍ବାଦ ବାହକରେ ଦେଖିଲୁଁ ଯେ ମାନ୍ୟବର ଓଡ଼ିଶା କମିଶନର ଗୁପ୍ତ ସାହେବଙ୍କର ଏଥର ସେ ନଗରରେ ପ୍ରବେଶର ଅଭ୍ୟର୍ଥନା ବହୁ ସମାରୋହସହିତ ହୋଇଥିଲା । ଗତମାସ ତା ୨୨ ରଖ ସ୍ପେନ ସଂ ୧୦ ୪ ସାଡେବେଳେ ରେଲଗାଡ଼ି ବାଲେଶ୍ୱର ଷ୍ଟେସନରେ ପହୁଞ୍ଚିଲା । ସେଠାରେ ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଲିଙ୍କଲଟନ ସାହେବ ପୁଲିସ ଗାର୍ଡ ଏବଂ ସ୍ଥାନୀୟ ହାକିମ ଏବଂ ଅନ୍ୟାନ୍ୟ ଭଦ୍ରଲୋକମାନଙ୍କସହିତ ଉପସ୍ଥିତ ଥିଲେ । ଷ୍ଟେସନଠାରୁ ମାଜିଷ୍ଟ୍ରେଟ ସାହେବଙ୍କର କୋଠିପର୍ଯ୍ୟନ୍ତ ସମସ୍ତ ବାଟ ବିବିଧବର୍ଣ୍ଣର ଆଲୋକମାଳାଦ୍ୱାରା ଆଲୋକିତ ଏବଂ ଷ୍ଟେସନଟି ଯଥାବିହିତ ସୁସଜ୍ଜିତ ହୋଇଥିଲା । କମିଶନର ସାହେବ ରେଲଗାଡ଼ିରୁ ଅବତରଣ କରି ପୁଲିସ ଗାର୍ଡର ସଲମି ଗ୍ରହଣ ଏବଂ ଭଦ୍ରଲୋକଙ୍କସହିତ ମିଷ୍ଟାଳାପ ଉତ୍ତାରୁ ମାଜିଷ୍ଟ୍ରେଟଙ୍କ ସହିତ ତାହାଙ୍କ କୋଠିକି ବିଜେ କଲେ ଏବଂ ତାହାଙ୍କର ଅତିଥି ହେଲେ । ବୋଲିବା ବାହୁଲ୍ୟ ଯେ ଅଭ୍ୟର୍ଥନାରେ ସେ ସୁପ୍ରସନ୍ନ ହୋଇଅଛନ୍ତି ।

———

ମଧ୍ୟପ୍ରଦେଶାନ୍ତର୍ଗତ ସୋନପୁର ରାଜ୍ୟର ରାଜା ଓ ମିଉନିଭେଟଷ୍ଟ ତଫଗନା ପ୍ରତାପରୁଦ୍ର ସିଂହ ଦେବ ବାହାଦୁରଙ୍କର ପରଲୋକ ଗମନ ବିଷୟରେ ଖଣ୍ଡିଏ ପ୍ରେରିତପତ୍ର ପାଇ ଯଥାସ୍ଥାନରେ ପ୍ରକାଶ କଲୁଁ । ଏହି ଶୋକପୂର୍ଣ୍ଣ ଘଟଣାର ସମସ୍ତ ବିଷୟ ଉକ୍ତ ପତ୍ରରେ ଲିଖିତ ହୋଇଥିବାରୁ ସେ ସମ୍ବନ୍ଧରେ ଆମ୍ଭମାନଙ୍କର ଅଧିକ କିଛି ବୋଲିବାର ନାହିଁ । ରାଜା ମହୋଦୟ ଅଳ୍ପକାଳ ରାଜତ୍ୱ କରି ସୁଶାସନ ପରିଚୟ ଦେବାଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଆକର୍ଷଣ ପୂର୍ବକ ଉପାଧି ଲାଭ କରିଥିଲେ ଏବଂ ସମଧିକ ଉତ୍ସାହ ସହିତ ପ୍ରଜାବର୍ଗର ହିତ ସାଧନରେ ଯତ୍ନବାନ୍ ଥିଲେ । ପୂର୍ଣ୍ଣ ଯୌବନକାଳରେ ସେ ଏ ସଂସାର ଛାଡ଼ିଗଲେ ଅଧିକ ଶୋକର ବିଷୟ ଅଟେ । ଈଶ୍ୱରଙ୍କ ଇଚ୍ଛା ଉପରେ କାହାର ଅଧିକାର ନାହିଁ । ଆମ୍ଭେମାନେ କାମନା କରୁଁ ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ପରିବାରବର୍ଗଙ୍କ ସାନ୍ତ୍ୱନା ବିଧାନ କରନ୍ତୁ । ତାହାଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀଯୁକ୍ତ ବୀର ମିତ୍ରୋଦୟ ସିଂହ ଦେବ ପିତାଙ୍କର ତତ୍ତ୍ୱାବଧାନରେ ଉପଯୁକ୍ତ ଶିକ୍ଷାଲାଭ କରି ବର୍ତ୍ତମାନ୍ ରାଜା ହୋଇଅଛନ୍ତି । ଆଶା କରୁଁ ପିତୃ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ନ୍ୟାୟ ଓ ଦୟା ସହିତ ରାଜ୍ୟ ଶାସନ କରିବେ ଏବଂ ଅତଏବ ସେହିପରି ବରଂ ଅଧିକତର ସୁଖ୍ୟାତି ଲାଭ କରିବାକୁ ସମର୍ଥ ହେବେ ।

———

ମାନ୍ଦ୍ରାଜର ଦକ୍ଷିଣ ମାଦୁରା ଜିଲ୍ଲା କଣ୍ଡିକୁଲ ତାଲୁକରେ ସ୍ଥାପିତ ଛାତ୍ରାର୍ଥାଗାର ଯନ୍ତ୍ରାଳୟର ଅଧିକାରୀ ଶ୍ରୀଯୁକ୍ତ କଣ୍ଡାସ୍ୱାମୀ ପିଲ୍ଲେ ଜଣେ ପ୍ରଧାନ ଜ୍ୟୋତିଷ ଗଣକ ଅଟନ୍ତି । ସେ ଗତ ବର୍ଷ ଜୁନ ମାସରେ ଦେତେ ଗୁଡ଼ିଏ ଦୁର୍ଘଟଣା ଗଣନା କରି ପ୍ରକାଶ କରିଥିଲେ ଯେ ତହିଁ ମଧ୍ୟରେ ସନ ୧୯୦୬ ସାଲ ଜୁନ ମାସ ତା ୨୯ ରଖ ଓ ତା ୨୮ ରଖ ମଧ୍ୟରେ ଭାରତ ସମ୍ରାଟ ଉତ୍କଟ ବ୍ରଣ ପୀଡ଼ା ଭୋଗ କରିବା ଏବଂ ସେହି ବର୍ଷ ଅଗଷ୍ଟ ମାସ ତା ୩୦ ବା ୩୧ ରଖରେ ହିମାଳୟ ପର୍ବତଠାରୁ ସିଂହଳ ଦ୍ୱୀପ ପର୍ଯ୍ୟନ୍ତ ସମସ୍ତ ଭାରତରେ ରାତ୍ର ଏକ ବାଜିବା ସମୟରେ ଭୂମିକମ୍ପ ହେବାର ପ୍ରଧାନ ଥିଲା । ପ୍ରଥମ ଗଣନା ଅର୍ଥାତ୍ ସମ୍ରାଟଙ୍କର ପୀଡ଼ା ଯଥା ସମୟରେ ପ୍ରତ୍ୟକ୍ଷ ହେବା ଏବଂ ସେ ହେତୁ ଶୁଭ ଅଭିଷେକ ପ୍ରାୟ ଦେଢ଼ମାସ ସ୍ଥଗିତ ହେବାରୁ ଅପର ଦୁର୍ଘଟଣା ଅର୍ଥାତ୍ ଭୂମିକମ୍ପ ପ୍ରତି ଲୋକଙ୍କର ପ୍ରବଳ ବିଶ୍ୱାସ ହୋଇଥିଲା । ଗଣକ ମହାଶୟ ଲୋକଙ୍କୁ ଘର ଛାଡ଼ି ପଦାରେ ରହିବା ନିମନ୍ତେ ସାବଧାନ କରି ଦେଇଥିବା ହେତୁ ଶଙ୍କା ଓ ବ୍ୟସ୍ତତା ଅଧିକ ବଢ଼ିଥିଲା । ଈଶ୍ୱରଙ୍କ ଅନୁଗ୍ରହରୁ ଉକ୍ତ ଦୁଇ ରାତ୍ର ନିର୍ବିଘ୍ନରେ ଗତ ହୋଇ ଯାଇଅଛି ଏବଂ ବୋଧ ହୁଏ ପିଲ୍ଲେ ମହାଶୟଙ୍କର ଗଣନାପ୍ରତି ଲୋକଙ୍କର ଆସ୍ଥା ଊଣା ପଡ଼ିଅଛି । ପିଲ୍ଲେ ମହାଶୟ ଲେଖିଅଛନ୍ତି କି ଲୋକଙ୍କୁ ପୂର୍ବରୁ ସାବଧାନ କରିଦେବା ତାହାଙ୍କର ଅଭିପ୍ରାୟ ଅଟେ, ଭୟଦେବା ନୁହେଁ । ଦୁଃଖର ବିଷୟ ପିଲ୍ଲେ ମହାଶୟ ଏଥିମଧ୍ୟରେ ପରଲୋକ ଗମନ କରିଅଛନ୍ତି ନଚେତ୍ ତାହାଙ୍କର ଭବିଷ୍ୟତ ବାଣୀ ବ୍ୟର୍ଥ ହେବାର କିଛି ହେତୁ ଦେଖାଇ ପାରନ୍ତେ ।

———

Digitized by srujanika@gmail.com

Split by PDF Splitter



## ଲାଟ ସାହେବ କ କରି ଗଲେ ?

ସହର ଓ ମୋଫସଲର ଅନେକ ଲୋକ ଏହି ପ୍ରଶ୍ନ କରୁଅଛନ୍ତି । ବଙ୍ଗେଶ୍ୱର ସରଜନ ଉଡବରନ ବାହାଦୂର ଏ ନଗରରେ ଗତ ମାସରେ କରିକମାନ ହୋଇ ଘ ୨୨ ଘଣ୍ଟା ମଧ୍ୟରେ ଯେତେ କାର୍ଯ୍ୟ କରିଅଛନ୍ତି ଏବଂ ତାହାଙ୍କର ଶୁଭାଗମନର ଅଭିପ୍ରାୟ ନିଜେ ଯାହା ପ୍ରକାଶ କରିଅଛନ୍ତି ତାହା ଆମ୍ଭେମାନେ ପାଠକମାନଙ୍କୁ ଯଥା ସମ୍ଭବ ବିସ୍ତାରିତ ରୂପେ ଜଣାଇ ଅଛୁଁ । ସମ୍ଭବତଃ ତହିଁରେ ଜନ ସାଧାରଣର ତୃପ୍ତି ହୋଇ ନାହିଁ । ତେଣୁ ଉପର ଲିଖିତ ପ୍ରଶ୍ନ ହେଉଅଛି । ସେମାନଙ୍କର ଜାଣିବାର ପ୍ରଧାନ ବିଷୟ ବଏକଟ ଅର୍ଥାତ୍ ପୁରୀ ରାଜାଙ୍କର ଅପମାନ ଏବଂ ଗରିବମାନଙ୍କର ଅନ୍ନ କଷ୍ଟ । ଅନ୍ନ କଷ୍ଟର ଅର୍ଥ ସାମୟିକ ଦୁର୍ଭିକ୍ଷ ବା ଖାଦ୍ୟ ଦ୍ରବ୍ୟର ଦୁର୍ମୂଲ୍ୟତା ନୁହେ । ମାତ୍ର ଗତ ଦୁର୍ଭିକ୍ଷ ଉତ୍ତାରୁ ଧାନ ଚାଉଳ ଇତ୍ୟାଦି ଖାଦ୍ୟ ଦ୍ରବ୍ୟର ମୂଲ୍ୟ ଅତ୍ୟନ୍ତ ଚଢ଼ା ହୋଇଥିବାରୁ ଅନେକ ଲୋକ ପେଟ ପୁରି ଆହାର ପାଉ ନାହାନ୍ତି ଏବଂ ଭିକାରିଙ୍କ ଦଳ ବଢ଼ୁଅଛି । ଏହି ଦୁଇ ପ୍ରସଙ୍ଗ ମାନ୍ୟବର ମହୋଦୟ ପ୍ରକାଶ୍ୟରେ କିଛି କହିବାର ଆମ୍ଭେମାନେ ଅବଗତ ହୋଇ ନାହୁଁ । ପୁରୀ ରାଜା ଆପଣା ଦୁଃଖ ନିଜେ ମାନ୍ୟବର ମହୋଦୟଙ୍କୁ ଜଣାଇ ଥିଲେ ଏବଂ ଶୁଣିଅଛୁଁ ଯେ ଜନସାଧାରଣଙ୍କ ପକ୍ଷରୁ ସେ ବିଷୟରେ ଖଣ୍ଡିଏ ଆବେଦନ ପତ୍ର ତାହାଙ୍କ ନିକଟକୁ ପ୍ରେରିତ ହୋଇଥିଲା । ପୂର୍ବ କାଳରେ ଦେଖିଅଛୁଁ ଯେ ଲେପ୍ଟନାଣ୍ଟ ଗବର୍ଣ୍ଣରମାନେ ଗସ୍ତରେ ଶୁଭାଗମନ କଲେ ଲୋକେ ନାନା ପ୍ରକାର ଆବେଦନ ପତ୍ର ତାହାଙ୍କ ସମ୍ମୁଖରେ ଭେଟିବାର ସୁବିଧା ପାଉଥିଲେ ଏବଂ ସେ ନିଜେ ଅଥବା ସେକ୍ରେଟେରିଙ୍କଦ୍ୱାରା ସେ ସମସ୍ତ ଗ୍ରହଣ କରୁଥିଲେ । ଏଥିରେ ଅନେକ ଅସଙ୍ଗତ ଏବଂ ଅନର୍ଥକ ଦରଖାସ୍ତ ପଡୁଥିବା ହେତୁ ସେକ୍ରେଟେରିଙ୍କ ଅଫିସ ଏବଂ ମାନ୍ୟବରଙ୍କର ବହୁ ମୂଲ୍ୟ ସମୟ ଓ ପରିଶ୍ରମ ନଷ୍ଟ ହେଉଥିଲା ସତ୍ୟ ମାତ୍ର ଗବର୍ଣ୍ଣମେଣ୍ଟ ଜିଲ୍ଲାର ଅବସ୍ଥା ଏବଂ ଲୋକଙ୍କର ଭାବଗତିର ଉତ୍ତମ ପରିଚୟ ପାଉଥିଲେ ଯାହା କି ଶାସନକର୍ତ୍ତାଙ୍କର ଜାଣିବା ଏକାନ୍ତ ଆବଶ୍ୟକ । ବର୍ତ୍ତମାନ୍ ସେ ରୀତି ନାହିଁ । ଜିଲ୍ଲା କଲେକ୍ଟର ବା ବିଭାଗୀୟ କମିଶନର ଯେଉଁ ଅନୁଷ୍ଠାନ ପତ୍ର ପ୍ରସ୍ତୁତ କରିଦେବେ ଲେପ୍ଟେନାଣ୍ଟଙ୍କୁ ତଦନୁସାରେ ଚଳିବାକୁ ହେଉଅଛି ଏବଂ ପୁଲିସ ପହରାର ଏମନ୍ତ ବନ୍ଦୋବସ୍ତ ହେଉଅଛି ଯେ କେହି ଲୋକ କୌଣସି ଆବେଦନ ପତ୍ର ପ୍ରଦାନ କରିବାର ଅଣୁ ସୁଯୋଗ ପାଉ ନାହିଁ । ଯାହା ପୂର୍ବରୁ ମାଜିଷ୍ଟ୍ରେଟଙ୍କୁ ଜଣାଇଲେ ତାହାଙ୍କର ମନୋନୀତ ହେବ ତାହା ଛଡ଼ା ଆଉ କେହି କୌଣସି କଥା ଜଣାଇ ପାରିବ ନାହିଁ ସୁତରାଂ ଜିଲ୍ଲା ହାକମଙ୍କର ଅପ୍ରୀତିକର କୌଣସି କଥା ଗବର୍ଣ୍ଣମେଣ୍ଟଙ୍କର ଜାଣିବାର ଉପାୟ ନାହିଁ । ଏମନ୍ତ ସ୍ଥଳେ ପ୍ରାକୃତିକ ପରିଦର୍ଶନର ଯେତେ ଶୁଭଫଳ ହେବା ଆଶା, କରଯାଏ ତାହା ପ୍ରକୃତରେ ଲାଭ ହେଉଅଛି କି ନା ପାଠକମାନେ ତହିଁର ବିଚାର କରିବେ । ଅତଃପର ଗବର୍ଣ୍ଣମେଣ୍ଟ ଏଣିକି ଏପରି କଟକଣା କରିଅଛନ୍ତି ଯେ ଶାସନ ବିଭାଗୀୟ ଯେଉଁ କଥା ସାଧାରଣଙ୍କୁ ଜଣାଇବାର ଅନୁମତି ଦେବେ ତଦତିରିକ୍ତ କୌଣସି ବିଷୟ ପଡ଼ାକୁ ବାହାରିବ ନାହିଁ । ପ୍ରାୟ ସମସ୍ତ ବିଷୟ ଗୋପନରେ ରଖିବା ପ୍ରତି ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ଅତ୍ୟନ୍ତ ସାବଧାନ ଏବଂ କେଲେ ପ୍ରାର୍ଥନା କଲେ ମଧ୍ୟ ସମ୍ବାଦ ମିଳିବା ଅସମ୍ଭବ । ଏମନ୍ତ ସ୍ଥଳେ କେବଳ ଅନୁମାନଦ୍ୱାରା ଶାସନକର୍ତ୍ତାଙ୍କର ଅଭିପ୍ରାୟ ବୁଝିବା ଭିନ୍ନ ଉପାୟାନ୍ତର ନାହିଁ । କାର୍ଯ୍ୟତଃ ଦେଖାଯାଏ ଯେ ଲୋକଙ୍କର ବିଶ୍ୱାସଭାଜନ ହେବାଠାରୁ ଅଧୀନସ୍ଥ କର୍ମଚାରୀଙ୍କର ଟେକ ରଖିବା ପ୍ରତି ଗବର୍ଣ୍ଣମେଣ୍ଟ ଯେମନ୍ତ ଅଧିକ ଯତ୍ନବାନ୍ ଏବଂ ଅନୁମାନ ହୁଅଇ ଏଥିର ଫଳ ଅନେକ ସ୍ଥଳେ ଭୟଙ୍କର ହେଉଅଛି । ଯାହାହେଉ ପୁରୀର ଏକଟିଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଗାରେଟ ସାହେବ ସ୍ଥାନାନ୍ତରିତ ହୋଇ ଜଏଣ୍ଟ ମାଜିଷ୍ଟ୍ରେଟ ପଦରେ ରହିବାର କଲିକତା ଗେଜେଟରେ ବାହାରିଥିବାରୁ ଜଣାଯାଉଅଛି ସେ ପୁରୀ ରାଜାଙ୍କ ପ୍ରତି ଅନ୍ୟାୟ ବ୍ୟବହାର କରିଥିବାର ଗବର୍ଣ୍ଣମେଣ୍ଟ ବୁଝିପାରି ଉଚିତ ବିଧାନ କରିଅଛନ୍ତି । ସବଡେପୁଟି ଓ ପୁଲିସ ଇନସ୍ପେକ୍ଟର ବିରୁଦ୍ଧରେ ଫଉଜଦାରୀ ନାଲିସ ହୋଇଥିବାରୁ ସମ୍ଭବ ହୁଅଇ ଗବର୍ଣ୍ଣମେଣ୍ଟ ସେମାନଙ୍କ ପ୍ରତି କିଛି ଆଦେଶ ଦେଇ ନାହାନ୍ତି । ମାତ୍ର କେହି କର୍ମଚାରୀ ବିରୁଦ୍ଧରେ ଫଉଜଦାରୀ ନାଲିସ ହେଲେ ନିଷ୍ପତ୍ତି ପର୍ଯ୍ୟନ୍ତ ସସପେଣ୍ଡ ରହିବାର ନିୟମଟି କାହିଁକି ଏପର୍ଯ୍ୟନ୍ତ ସ୍ଥଗିତ ଅଛି ବୁଝା ଯାଉ ନାହିଁ । ଗରିବ ଲୋକମାନେ ପେଟକୁ ଦାନା ନ ପାଇବା ସମ୍ବନ୍ଧରେ ମାନ୍ୟବର ମହୋଦୟ ପ୍ରକାଶ୍ୟରେ ଅଧିକ କିଛି କହି ନ ଥିଲେହେଁ ଯେ ସ୍ଥଳେ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କର ଶିଳ୍ପାଗାର ଦେଖିବା ତାହାଙ୍କର ଶୁଭାଗମନର ଗୋଟିଏ ପ୍ରଧାନ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଅଛନ୍ତି ଏବଂ ସେହି ଶିଳ୍ପାଗାର ବହୁକ୍ଷଣ ପରିଦର୍ଶନ କରି କାରିଗରମାନଙ୍କୁ ଅନେକ ଉପଦେଶ ଓ ଉତ୍ସାହପୂର୍ଣ୍ଣ ବାକ୍ୟଦ୍ୱାରା ଶିଳ୍ପବ୍ୟବସାୟରେ ଏକାନ୍ତ ମନୋଯୋଗୀ ହେବାକାରଣ ଉତ୍ତେଜିତ କରିଅଛନ୍ତି ସେ ସ୍ଥଳେ ସ୍ପଷ୍ଟ ଜଣାଯାଉଅଛି ଯେ ଗରିବମାନଙ୍କର ଚିନ୍ତା ତାହାଙ୍କ ମନରେ ସର୍ବଦା ଜାଗ୍ରତ ରହିଅଛି ଏବଂ ଶିଳ୍ପାଦି ବ୍ୟବସାୟର ବିସ୍ତାର ସେ କଷ୍ଟନିବାରଣର ଗୋଟିଏ ପ୍ରଧାନ ଉପାୟ ବୋଲି ସେ ବୁଝାଇ ଦେଇଅଛନ୍ତି ।

## ବିଶ୍ୱବିଦ୍ୟାଳୟ ସମିତିର ରପୋର୍ଟ ।

( ପୂର୍ବପ୍ରକାଶିତ ଉତ୍ତାରୁ )

ସିଣ୍ଡିକେଟ କଲେଜର ପ୍ରିନସିପାଲଗଣ ସହିତ ପରାମର୍ଶ କରି କଲେଜର ବେତନ ନିର୍ଦ୍ଧାରଣ କରିବେ । ବେତନର ହାରଣ ଏତେ ଉଚ୍ଚ ହେବ ନାହିଁ ଯେ ଉପଯୁକ୍ତ ଛାତ୍ର ଅର୍ଥାଭାବେ ଅଧ୍ୟୟନ କରିବାକୁ ଅସମର୍ଥ ହେବେ । ଅନ୍ୟ ପକ୍ଷରେ ଏତେ ଅଳ୍ପ ହେବ ନାହିଁ ଯେ ଗରିବ ଓ ସାମାନ୍ୟ ବିଦ୍ୟାବୁଦ୍ଧି ସମ୍ପନ୍ନ ଛାତ୍ରମାନେ ବୃଥାରେ କଲେଜରେ ଭର୍ତ୍ତି ହୋଇ ସମୟର ଅପବ୍ୟୟ କରିବେ । ଅସମର୍ଥ ଛାତ୍ରମାନଙ୍କ ପାଠର ସୁବିଧା ନିମନ୍ତେ ଗବର୍ଣ୍ଣମେଣ୍ଟ ଓ କଲେଜ ଛାତ୍ରବୃତ୍ତିର ବନ୍ଦୋବସ୍ତ କରିପାରନ୍ତି । ବିନା ବେତନ ଅଥବା ଅର୍ଦ୍ଧ ବେତନରେ ପଢ଼ାଇବା ପାଇଁ ଛାତ୍ର ଗ୍ରହଣ କଲେ, ଉକ୍ତ ଛାତ୍ରମାନଙ୍କର ସଂଖ୍ୟା ଶତକଡ଼ା ୩ ରୁ ଅଧିକ ହେବ ନାହିଁ । ମାତ୍ର ଯଦ୍ୟପି ସଦାଶୟ ବ୍ୟକ୍ତିସମୂହ ଶିକ୍ଷା ବିସ୍ତାରର ଉଦ୍ଦେଶ୍ୟରେ ଯେଉଁସବୁ କଲେଜ ସ୍ଥାପନ କରିଅଛନ୍ତି ଓ ଯେଉଁ କଲେଜରେ ଅଧ୍ୟାପକଗଣ ବେତନ ହ୍ରାସ କରିବାର ଉଦ୍ଦେଶ୍ୟରେ ପାରିଶ୍ରମିକ ଗ୍ରହଣ ନ କରି ଅଥବା ସାମାନ୍ୟ ଗ୍ରହଣ କରି ଶିକ୍ଷା ପ୍ରଦାନ କରନ୍ତି ସେ କଲେଜ ସମ୍ବନ୍ଧରେ ସେତେ କଡ଼ା ନିୟମ ହେବ ନାହିଁ ମାତ୍ର ବିନା ବେତନ ଅବା ଅର୍ଦ୍ଧ ବେତନରେ ଭର୍ତ୍ତି ହୋଇଥିବା ଛାତ୍ରଙ୍କ ସଂଖ୍ୟା ସୀମାବଦ୍ଧ ଥିବ । ଯଥେଷ୍ଟ କାରଣ ନ ଦର୍ଶାଇଲେ କେହି ଛାତ୍ର ବର୍ଷର ମଧ୍ୟଭାଗରେ କଲେଜ ପରିତ୍ୟାଗ କରି ପାରିବ ନାହିଁ । ସରକାରୀ କଲେଜ ଓ ସାହାଯ୍ୟ ପ୍ରାପ୍ତ କଲେଜରେ ଏହି ନିୟମ ପ୍ରବର୍ତ୍ତିବ । ବେସରକାରୀ କଲେଜ ପକ୍ଷରେ ସେହି ନିୟମମାନ ଚଳିବ, ମାତ୍ର ଆବଶ୍ୟକ ହେଲେ ଅନ୍ୟ ନିୟମ ହୋଇପାରେ । ସେସନର ଅର୍ଥାତ୍ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବେତନ ପ୍ରତ୍ୟେକ ଛାତ୍ରଙ୍କୁ ଅଗ୍ରୀମ ଦେବାକୁ ପଡ଼ିବ । କୌଣସି ଛାତ୍ର କଲେଜ ଛାଡ଼ି ଯିବାକୁ ପ୍ରାର୍ଥନା କଲେ, ଛାଡ଼ି ଯିବା ସମୟରେ ବାକି ଅଗ୍ରୀମ ଟଙ୍କା ଫେରି ଦିଆଯିବ କି ନାହିଁ ଉକ୍ତ କଲେଜ ପ୍ରତି ସେଥିର ମୀମାଂସା ଭାର ରହିବ ।

୨ୟ ଶ୍ରେଣୀର କଲେଜ ଅର୍ଥାତ୍ ଯହିଁରେ ଏଲ୍,ଏ କ୍ଲାସ ପର୍ଯ୍ୟନ୍ତ ପଢ଼ାଯାଏ ତାହା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହେବ ନାହିଁ । ସୁତରାଂ ଉଠିଯିବ ।

ଛାତ୍ରମାନେ ଯେପରି ଅର୍ଥପୁସ୍ତକ ଅଥବା ସଂକ୍ଷିପ୍ତସାର ପ୍ରଭୃତି ପାଠ ନ କରନ୍ତି ତତ୍ ପ୍ରତି ଦୃଷ୍ଟି ରଖାଯିବ ।

Digitized by srujanika@gmail.com

ଏଣ୍ଟ୍ରେନ୍ସ ପରୀକ୍ଷାରେ ଇଂରାଜୀ ସାହିତ୍ୟ ପାଇଁ କୌଣସି ବିଶେଷ ପୁସ୍ତକ ନିରୂପିତ ହେବ ନାହିଁ। ଉକ୍ତ ଶ୍ରେଣୀର ପରୀକ୍ଷା ପାଇଁ ପୁସ୍ତକ ନିର୍ଦ୍ଦିଷ୍ଟ ରହିବ। ଯେଉଁମାନେ ଇଂରାଜୀ ସାହିତ୍ୟରେ ଏମ୍, ଏ, ପରୀକ୍ଷା ଦେବେ, ସେମାନଙ୍କୁ କୌଣସି ପ୍ରାଚୀନ ଭାଷା ଅଥବା ପ୍ରଚଳିତ ଭାଷାରେ ପରୀକ୍ଷା ଦେବାକୁ ହେବ। ଦେବନାଗରୀ ଅକ୍ଷରରେ ସଂସ୍କୃତ ପରୀକ୍ଷା ଗୃହୀତ ହେବ।

ଆରବୀ ଓ ପାର୍ସିଭାଷାର ଶିକ୍ଷା ସମ୍ବନ୍ଧରେ ସୁବନ୍ଦୋବସ୍ତ କରା ଉଚିତ।

ବିଶ୍ୱବିଦ୍ୟାଳୟ ପ୍ରଚଳିତ ଭାଷା ଶିକ୍ଷା ନିମନ୍ତେ ଅଧ୍ୟାପକ ନିଯୁକ୍ତ କରି ପାରିବେ।

ଏଣ୍ଟ୍ରେନ୍ସ ଅବା ପ୍ରବେଶିକାରେ ଉପସ୍ଥିତ ହେବା ପୂର୍ବରେ ପ୍ରତ୍ୟେକ ଛାତ୍ରକୁ ସ୍କୁଲର ଶେଷ ପରୀକ୍ଷା ଅର୍ଥାତ୍ Final ପରୀକ୍ଷାରେ ପାସ କରିବାକୁ ହେବ ଓ ପାସର ନମ୍ବର ବଢ଼ିବ। ଯଥା ଇଂରାଜୀଭାଷାରେ ଶତକଡ଼ା ୪୦ ଓ ଅନ୍ୟାନ୍ୟ ପ୍ରତ୍ୟେକ ବିଷୟରେ ୩୫ ନମ୍ବର ରଖିଲେ ପାସ ହେବ। କେହି ତିନଥର ପରୀକ୍ଷାରେ ହାରିଗଲେ ଆଉ ପରୀକ୍ଷା ଦେଇ ପାରିବ ନାହିଁ ମାତ୍ର ସିଣ୍ଡିକେଟ ବିଶେଷ ଯୁକ୍ତିସଙ୍ଗତ କାରଣ ଦେଖିଲେ ନିୟମର ବ୍ୟତିକ୍ରମ କରି ପାରନ୍ତି। ଏଣ୍ଟ୍ରେନ୍ସ ପରୀକ୍ଷାର୍ଥୀଙ୍କ ବୟସ ୧୫ରୁ ଊଣା ହେବ ନାହିଁ।

ଏଫ୍, ଏ ପରୀକ୍ଷାର ପାଠ୍ୟପୁସ୍ତକ ୧ ଇଂରାଜୀ ସାହିତ୍ୟ, ୨ କୌଣସି ପ୍ରାଚୀନ ଭାଷା ( ସଂସ୍କୃତ, ଗ୍ରୀକ୍, ଲାଟିନ, ଆରବୀ, ପାର୍ସି, ଇତ୍ୟାଦି ) ୩ ଗଣିତ ଏବଂ ୪ ପଦାର୍ଥବିଜ୍ଞାନ ଓ ରସାୟନ ଅବା ତର୍କଶାସ୍ତ୍ର ( Logic ) ଏବଂ ମନୋବିଜ୍ଞାନ। ଇତିହାସ ପଢ଼ା ହେବ ନାହିଁ।

ବି, ଏ, ପରୀକ୍ଷାରେ ଏ କୋର୍ସ ଓ ବି କୋର୍ସ ଦୁଇଗୋଟି ରହିବ ନାହିଁ କେବଳ ଏ କୋର୍ସରେ ପରୀକ୍ଷା ଗୃହୀତ ହେବ। ବିଜ୍ଞାନ ପଠନେଚ୍ଛୁମାନେ ଏଫ୍, ଏ ପରୀକ୍ଷା ଉତ୍ତାରେ ବି, ଏସ୍, ସି ପଢ଼ି ପାରିବେ। ବି ଏରେ ଅନର ନାହିଁ। ଏମ୍, ଏ ପରୀକ୍ଷାକୁ ଅନରସ୍ୱରୂପ ଗ୍ରହଣ କରାଯିବ। ପଢ଼ିବା ବିଷୟ ୧ ଇଂରାଜୀ ସାହିତ୍ୟ ୨ ପ୍ରାଚୀନ ଭାଷା, ୩ ଦର୍ଶନଶାସ୍ତ୍ର ୪ ଗଣିତ ଅଥବା ଇତିହାସ ଓ ଅର୍ଥନୀତି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଗୋଟିଏ ମାତ୍ର ଆଇନ କଲେଜ ରହିବ।

ବାଣିଜ୍ୟ ଓ କୃଷି ଶିକ୍ଷା ପ୍ରତି ସରକାର ଓ ବିଶ୍ୱବିଦ୍ୟାଳୟ ବିଶେଷ ମନୋଯୋଗୀ ହେବେ।

ଶିକ୍ଷକମାନେ ମଧ୍ୟ ବିଶେଷ ଶିକ୍ଷା ଲାଭ କରିବେ।

ସିଣ୍ଡିକେଟ ପରୀକ୍ଷକ ନିର୍ବାଚନ କରିବେ। ସେ ଯେଉଁ ବିଷୟ ଅଧ୍ୟାପନା କରନ୍ତି ସେହି ବିଷୟର ପରୀକ୍ଷକ ହୋଇ ପାରିବେ ନାହିଁ।

ପ୍ରବେଶିକା ପରୀକ୍ଷାରେ କୌଣସି ଛାତ୍ର ଗୋଟିଏ ବିଷୟରେ ଶତକଡ଼ା ୫ ନମ୍ବରରୁ ଅଧିକ କମ ନ ଥିବ ଓ ଅନ୍ୟାନ୍ୟ ବିଷୟରେ ଅଧିକ ବେଶି ନମ୍ବର ରଖିଥିଲେ ତାକୁ ପାସ କରାଇ ଦିଆଯିବ।

କୌଣସି ଛାତ୍ର ଗୋଟିଏ ବିଷୟରେ ହାରିଗଲେ ତାକୁ ଆଗାମୀ ବର୍ଷରେ କେବଳ ସେହି ବିଷୟରେ ଅଥବା ସବୁ ବିଷୟରେ ପରୀକ୍ଷା ଦେବାକୁ ହେବ ତାହାର ବିଚାର ତାହାର କଲେଜ ପ୍ରତି ରହିଲା।

ପରୀକ୍ଷା କାଗଜ ମଧ୍ୟରେ ସର୍ବାଗ୍ରେ ଇଂରାଜୀ ଭାଷାର ଉତ୍ତର କାଗଜ ଦେଖାଯିବ ସେଥିରେ ଯେଉଁମାନେ ହାରିଯିବେ ସେମାନଙ୍କର ଅନ୍ୟ ବିଷୟର ଉତ୍ତର କାଗଜ ଦେଖିବାକୁ ହେବ ନାହିଁ।

କମିଶନର ଅନ୍ୟତମ ସଦସ୍ୟ ହାଇକୋର୍ଟର ଜଜ ମାନନୀୟ ଶ୍ରୀଯୁକ୍ତ ଗୁରୁଦାସ ବନ୍ଦ୍ୟୋପାଧ୍ୟାୟ ଅନ୍ୟ ସଭ୍ୟମାନଙ୍କ ସହିତ ଭିନ୍ନ ମତ ହୋଇ ଯେଉଁ ରପୋର୍ଟ କରିଥିଲେ ସେଥିର ସାରାଂଶ ନିମ୍ନେ ପ୍ରଦତ୍ତ ହେଲା।

୧। ପ୍ରସ୍ତାବିତ ନିୟମାନୁସାରେ ସିଣ୍ଡିକେଟ ଗଠିତ ହେଲେ ବିଶ୍ୱବିଦ୍ୟାଳୟରେ ଗଭର୍ଣ୍ଣମେଣ୍ଟର ଆଧିପତ୍ୟ ବୃଦ୍ଧି ଓ ଦେଶୀୟ ଲୋକର ସ୍ୱତ୍ୱ ହ୍ରାସ ହେବ।

୨। ସିଣ୍ଡିକେଟ କୌଣସି କଲେଜ ଉଠାଇ ଦେଲେ ସିନେଟକୁ ସେହି ସିଦ୍ଧାନ୍ତ ବିରୁଦ୍ଧରେ ଅପିଲ ଶୁଣିବାର କ୍ଷମତା ଦେବାର ଉଚିତ।

୩। ସ୍କୁଲ କଲେଜ ଶିକ୍ଷକମାନେ ବ ହରରେ ବେତନ ଦେବେ ଏଥିରେ ବିଶ୍ୱବିଦ୍ୟାଳୟର ହସ୍ତକ୍ଷେପ କରିବା ଉଚିତ ନୁହେଁ। ତାହା ହେଲେ ଅନେକ ଗରିବ ଶିକ୍ଷା ଲାଭ କରି ପାରିବେ ନାହିଁ।

୪। ୨ୟ ଶ୍ରେଣୀର କଲେଜ ଉଠିଗଲେ ଶିକ୍ଷା ବିସ୍ତାରର ବ୍ୟାଘାତ ଘଟିବ।

୫। ଡାଇରେକ୍ଟରଙ୍କ ମତ ଦେଇ ସ୍କୁଲ କଲେଜ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରିବାର ବ୍ୟବସ୍ଥା ହେଲେ ଭଲ ଫଳ ଫଳିବ ନାହିଁ।

୬। ପ୍ରବେଶିକା ପରୀକ୍ଷାର ପାଠ୍ୟପୁସ୍ତକ ଉଠାଇ ଦେବା ଭଲ ହୋଇ ନାହିଁ।

୭। ଆଇନ କଲେଜର ଅସ୍ତିତ୍ୱରେ ଅନେକ କଲେଜର ଅନ୍ୟାନ୍ୟ ବିଭାଗର ବ୍ୟୟ ନିର୍ବାହ ହୁଏ। ସେଣ୍ଟ୍ରାଲ ଆଇନ କଲେଜ ସ୍ଥାପନଦ୍ୱାରା ସେହି ସବୁ କଲେଜର କ୍ଷତି ହେବ।

---

# ସାପ୍ତାହିକ ସମ୍ବାଦ।

## କଲିକତା-ଗେଜେଟ୍।

ବାବୁ ଗଣପତି ଦାସ କାଟିଲପୁରର ଉତ୍ତର ଡାଲଟ ଟୋଲିରି ସବ୍‌ଡିଭିଜନରେ ନିଯୁକ୍ତ ହେଲେ।

---

ଗତ ରବିବାର ୯ ନଗରରେ ଏକପ୍ରକାର ଝାଡ଼ବୃଷ୍ଟି ହୋଇଅଛି। ଏ ବୃଷ୍ଟିର ଅବିରାମ ଜନମାନଙ୍କର ପ୍ରାଣ ରକ୍ଷା ଏବଂ ଧାନ ମାନ ବୃଦ୍ଧି ହୋଇଅଛି।

ଓଡ଼ିଶାର କମିଶନର ଲେଫ୍ଟାନ୍ଟ ଗଭର୍ଣ୍ଣରଙ୍କୁ ନାଇଟେଡ଼ ଯାତ୍ରା କରିଅଛନ୍ତି। ଚଳିତ ସପ୍ତାହ ଭିତରେ ପରିଦର୍ଶନ କରି ଅଛନ୍ତି। ବୁଧବାର ସନ୍ଧ୍ୟାରେ ଏଠାକୁ ଫେରିଆସିବାର କଥା ଅଛି।

ଅତିରିକ୍ତ ସୁପରିଣ୍ଟେ ବାବୁ ସୁଦାମଚରଣ ନାୟକ ଗତ ଗୁରୁବାର ମାଲଗିରି ଷ୍ଟେଶନରେ ଯାଇଅଛନ୍ତି।

ଗଞ୍ଜାମ ଗଣେଶପୂଜା ଉପଲକ୍ଷରେ ଏ ନଗରର କାରିଗରମାନେ ଅନେକ ବିନ୍ଦୁ ଅନେକ ଗଣେଶ ପ୍ରତିମା ନିର୍ମାଣ କରିଥିଲେ।

ଲାଟେର୍ଣ୍ଣକ ଭିକ୍ଟୋରିଆ ମେମୋରିଆଲ ଫଣ୍ଡର ପ୍ରସ୍ତୁତ ପୂର୍ବ ଲେଖାର ଜଟିଳ ଯୋଗ ସାହାଯ୍ୟକାରୀ ହୁଏ କଲେକ୍ଟର ସେ ଅଞ୍ଚଳ ପରିଦର୍ଶନ କରି ପ୍ରଜାମାନଙ୍କ ଠାରୁ ଚାନ୍ଦା ଦେବାକାରଣ ୫ ୧୦୦୦ ଟଙ୍କା ଉଠାଇଅଛନ୍ତି।

ଅମ୍ଭମାନଙ୍କ ସମ୍ବାଦଦାତା ଲେଖନ୍ତି ବିଶେଷ ବିପଦରେ ଜଣ୍ଡ ନାବ ଟରେ ଗୋ ୧୦୧ ଟି ସୁଦ୍ଧ ସାଧାରଣ ଏକତ୍ରିତ ହୋଇଥିଲେ ଏବଂ ସେ ସବୁ ଗତ ମାସ ତା ୨୬ ଦିନରେ ଗଭର୍ଣ୍ଣମେଣ୍ଟରେ ଲୁଚିତ କରିବାର ଅଂଶ୍ୱାଜନ ନଷ୍ଟ ହୋଇଅଛି ମାତ୍ର ସେ ଜଣ ଏମନ୍ତ ବଳରେ ଝୋପାନ ଓ ବୃଷ୍ଟି ହେଉ ଯେ ଅନେକ ହେବା ଅସମ୍ଭବ ହୋଇପଡ଼ିଲା। ତହିଁ ପରିଷ୍ଟ ସତ୍ତ୍ୱେ ଦର୍ଶକ ଭକ୍ତ ଭୃତ୍ୟ ବର୍ଗ ବାହୁଡ଼ି ଗଲେ।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ।

---

ଶ୍ରୀମାନ୍ ଉତ୍କଳ ଦୀପିକା ସମ୍ପାଦକ
କରକମଳେଷୁ

ମହାଶୟ

ସ୍ୱର୍ଗୀୟ ରାଜା ବାହାଦୁର ପ୍ରତାପରୁଦ୍ର ସିଂହ ଦେବ ପିତୃଦେବଙ୍କର ସ୍ମୃତିପୂର ରକ୍ଷା ସମ୍ବନ୍ଧ ପୂର ଏଥି ପୂର୍ବେ ସନ ୧୯୦୦ ଖ୍ରୀଷ୍ଟାବ୍ଦରେ ଯେଉଁ ସମୟରେ ମହାଇସ୍ତାବକ ଏଭେଣ୍ଡର ଯୋଗ ଉପସ୍ଥିତ ହୋଇଥିଲା ସେ ସମୟରେ ରାଜା ବାହାଦୁର ନାନା ପ୍ରକାର ଧର୍ମ କ୍ରିୟା କରିବା ଅଭିଳାଷ ରଖି ଆତ୍ମୀୟ ଜ୍ୟୋତିର୍ବିଦମାନଙ୍କୁ ଆହ୍ୱାନ କରି ଆପଣାର ଜନ୍ମ ପତ୍ରିକା ଦେଖାଇ ଗ୍ରହାବଳୀର ଉକ୍ତ ମାତ ସମ୍ଭାବନାର ଫଳ ପର୍ଯ୍ୟାଲୋଚନା କରିଥିଲେ। ସେ ସମୟରେ ଜ୍ୟୋତିଷଗଣ ରାଜାବାହାଦୁରଙ୍କର ଗ୍ରହଗଣର ବୈଗୁଣ୍ୟ ନିରୂପଣ କରି ଭାଦ୍ର ଭନ ବର୍ଷ ମଧ୍ୟରେ ପୀଡ଼ାର ସମ୍ଭବ ବୋଲି ପ୍ରକାଶ କରିବାରୁ ତହିଁର ପ୍ରତିକାର ନିମନ୍ତେ ଯଥା ସମୟରେ ଅକାତର ଭାବରେ ସହସ୍ର ମୁଦ୍ରା ବ୍ୟୟ କରି ଗ୍ରହଯାଗ ଓ ସମସ୍ତ ଦେବ ମନ୍ଦିରରେ ପୂଜା କୃଷ୍ଣାର୍ଘ୍ୟ, ନହୁଷ, ସ୍ୱବର୍ଣ୍ଣ, ଇତ୍ୟାଦି ଦାନ ଅଶ୍ୱ

Split by PDF Splitter
Digitized by srujanika@gmail.com

ପ୍ରଦକ୍ଷିଣ, ଶର୍ଟିସ୍ତର ମନ୍ତ୍ର ମହାମୃତ୍ୟୁଞ୍ଜୟ ଜପ ପ୍ରଭୃତି ବହୁବିଧ ଧର୍ମ କୃତ୍ୟର ଅନୁଷ୍ଠାନ ହୋଇ ଥିଲେ ମଧ୍ୟ ରାଜା ବାହାଦୁରଙ୍କ ପୀଡ଼ାର ଉପଶମ ନିମନ୍ତେ ସ୍ୱରାଜ୍ୟର ଜଣେ ଉପଯୁକ୍ତ ମେଡିକେଲ ଅଫିସର ଜଣେ ସୁଯୋଗ୍ୟ ଡିଷ୍ଟ୍ରିକ୍ଟେଲ ଅସିଷ୍ଟାଣ୍ଟ ଓ ୩ ଜଣ ଆୟୁର୍ବେଦୀୟ ଚିକିତ୍ସକଙ୍କ ସାହାଯ୍ୟ କରିବାକୁ କଟକର ଜଣେ ଉପଯୁକ୍ତ ଡାକ୍ତରଙ୍କୁ ଡକାଇ ସୁଚିକିତ୍ସିତ ହେଉଥିଲେ ମଧ୍ୟ ଦୁର୍ଲଙ୍ଘନୀୟ ନିୟତିର ପ୍ରଭାବରେ କିଛି ମାତ୍ର ଫଳପ୍ରଦ ହେଲା ନାହିଁ ଗତ ତା ୮।୮।୧୯୦୨ ଶୁକ୍ରବାର ରାତ୍ର ୫ ୧୦ ଘଣ୍ଟା ସମୟରେ ପ୍ରଶଂସିତ ରାଜା ବାହାଦୁର ଆପଣା ପରିବାର ଓ ଅନୁରକ୍ତ ରାଜଭକ୍ତ ପ୍ରଜାଗଣର ହୃଦୟରେ ନିରତିଶୟ ଶୋକ ପ୍ରଦାନ କରି ସ୍ୱର୍ଗାରୋହଣ କଲେ ।

ନୂତନ ରାଜା ମହୋଦୟ ପିତୃ ବିୟୋଗ ଦୁଃଖରେ କାତର ହୋଇଥିଲେହେଁ ସ୍ୱର୍ଗୀୟ ରାଜା ବାହାଦୁରଙ୍କ ଅନ୍ତ୍ୟେଷ୍ଟି କ୍ରିୟା ମହା ସମାରୋହରେ ନିର୍ବାହ କରିଅଛନ୍ତି । ଦ୍ୱିତୀୟ ଦିବସରୁ ଆରମ୍ଭ କରି ପ୍ରତିଦିନ ଅନେକାନେକ ବ୍ରାହ୍ମଣ ମାନଙ୍କୁ ସୀତଳ ଭୋଜ୍ୟ ପ୍ରଦାନ କରୁ ଅଛନ୍ତି । ଦଶାହ ଦିବସରେ ରାଜ୍ୟର ଜମିଦାର, ମାଫିଦାର, ବର୍ତ୍ତିଅ, କୌନ୍ତିଅ; ପ୍ରଜା ଆଦି ପ୍ରାୟ ଚାରି ସହସ୍ର ଲୋକ ସମବେତ ହୋଇଥିଲେ ଏତଦ୍ବ୍ୟତିରେକେ ଏକାଦଶ ଦିବସରେ ଅନ୍ୟୂନ ଚାରିସହସ୍ର ବ୍ରାହ୍ମଣ ଉପଗତ ହୋଇଥିଲେ ସେମାନଙ୍କୁ ଯଥେଷ୍ଟ ଭୋଜନ ସହିତ ଦ୍ରବ୍ୟ ଦକ୍ଷିଣା ପ୍ରତ୍ୟେକରେ ଉପଯୁକ୍ତ ଦକ୍ଷିଣା ଦିଆଗଲା । ବର୍ତ୍ତମାନ ରାଜା ଭକ୍ତି ବସ୍ତ୍ରରେ ଏକ, ଅଦ୍ୟାବଧି ଭାବରେ ଅର୍ଥ ବ୍ୟୟ କରି ପୈତୃକ କାର୍ଯ୍ୟ ନିର୍ବାହ କରୁଥିବାରୁ ପିତୃଭକ୍ତିର ପରିଚୟ ଦେଇଅଛନ୍ତି ସ୍ୱର୍ଗୀୟ ରାଜା ବାହାଦୁରଙ୍କ ଗୁଣ ସବୁ ଲେଖିଲେ ଅନେକ ବାହୁଲ୍ୟ ହେବ ଯଥା ସମୟରେ ତାହା ପୁସ୍ତକାକାରରେ ବାହାରିବା ସମ୍ଭବ ତଥାପି ସଂକ୍ଷେପରେ ତାହାଙ୍କର ଗୁଣ କିଛି ଏଠାରେ ବର୍ଣ୍ଣନ କରା ଯାଉଅଛି ।

ଏହି ରାଜା ବାହାଦୁର ସନ ୧୮୫୩ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରି ତରୁଣ ବୟସରେ ଇଂରେଜି, ହିନ୍ଦୀ, ବଙ୍ଗଳା, ଓ ସଂସ୍କୃତ ଭାଷା ଶିକ୍ଷା କରିଥିଲେ ଓଡ଼ିଆ ଏହାଙ୍କ ମାତୃଭାଷା ଅଟେ ଏହି ମହାପୁରୁଷ ସଂସ୍କୃତ ଭାଷାରେ ପାରଦର୍ଶିତା ଲାଭ କରିଥିଲେ ଏହି ମୃତ ଭାଷାରୁ ଆପଣା ରାଜ୍ୟରେ ସେ ପୁନର୍ଜୀବିତ କରିଥିବାରୁ ପଣ୍ଡିତ ଏବଂ ପ୍ରଧାନ ଲୋକମାନେ ଏହାଙ୍କ ପ୍ରଶଂସା ଗାନ କରୁଅଛନ୍ତି । ବ ୩୮ ବର୍ଷ ବୟଃକ୍ରମରେ ସନ ୧୮୯୧ ସାଲରେ ସେ ସିଂହାସନାଧିରୋହଣ କରିଥିଲେ, କେବଳ ବ ୧୦।୧୧ ବର୍ଷ ବ୍ୟାପୀ ଅଳ୍ପ ସମୟ ରାଜତ୍ୱରେ ଅନେକ ଉତ୍ତମ ଏବଂ ଜନହିତ ସଙ୍ଗତ କାର୍ଯ୍ୟ କରି ଦେଶବାସୀ ମାନଙ୍କର ଉନ୍ନତି ଶିକ୍ଷା ବିଭାଗର ବିସ୍ତାର ଏବଂ ପ୍ରଜାମାନଙ୍କର ହିତ କାମନାରେ ଇଂରେଜି ବିଦ୍ୟାଳୟ ସଂସ୍ଥାପନ, ପ୍ରାଚୀନ ମନ୍ଦିରମାନଙ୍କର ଜୀର୍ଣ୍ଣ ସଂସ୍କାରଆଦି କରିବାଦ୍ୱାରା ପ୍ରଜାମାନଙ୍କର ଚିତ୍ତାକର୍ଷଣ କରିଥିଲେ । ସନାତନ ଧର୍ମରେ ଏହାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା ଏଣୁକରି ଏହି ମହାତ୍ମା ଏଥିର ବହୁବିଧ ଉନ୍ନତି ସାଧନ କରିଅଛନ୍ତି । ଏହି ସବୁ ମହତ୍ କାର୍ଯ୍ୟ ଲୋକଙ୍କର ଅନ୍ତଃକରଣରୁ କେବେହେଁ ବିସ୍ମୃତ ହେବ ନାହିଁ । ରାଜ୍ୟ ସୁଶୃଙ୍ଖଳ ସହିତ ଶାସନ କରୁଥିବାରୁ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ସନ ୧୮୯୯ ସାଲରେ ଏହାଙ୍କୁ ରାଜା ବାହାଦୁର ଉପାଧିରେ ବିଭୂଷିତ କରିଥିଲେ ଏହାଙ୍କର ଅନେକ ସଦ୍ଗୁଣ ଥିଲା ତନ୍ମଧ୍ୟରୁ ବଦାନ୍ୟତା ଜିତେନ୍ଦ୍ରିୟତା, ଲୋକଙ୍କ ମନୋରଞ୍ଜନ, କର୍ତ୍ତବ୍ୟପରତା, ଦୟା ଏବଂ କ୍ଷମା ପ୍ରଧାନ । ଏ ବହୁ ପରିବାର ବେଷ୍ଟିତ ଜଣେ ଧାର୍ମିକ ରାଜା ପୁତ୍ର ପୌତ୍ରାଦିମାନଙ୍କୁ ଅନେକ ସୁଶିକ୍ଷା ଦେଇଅଛନ୍ତି ସେହେତୁରୁ ଏହାଙ୍କର ସନ୍ତାନମାନେ ଅବସ୍ଥାନୁସାରେ ଶିକ୍ଷିତ ସେମାନଙ୍କ ମଧ୍ୟରୁ ଶ୍ରୀ ରାଜା ସାର ଟିକାୟତ ସିଂହ ଦେବ ଜ୍ୟେଷ୍ଠ ଏବଂ ତାହାଙ୍କ ସ୍ଥଳାଭିଷିକ୍ତ ହୋଇଅଛନ୍ତି । ଏହି ନୂତନ ରାଜାଙ୍କୁ ସେ ରାଜକାର୍ଯ୍ୟ ଏବଂ ଅନେକ ଅନ୍ୟାନ୍ୟ ବିଷୟ ଉତ୍ତମରୂପେ ଶିକ୍ଷା ଦେଇ ଅଛନ୍ତି ଯେ କ ରାଜ୍ୟ ଶାସନର ଶିକ୍ଷା ପୂର୍ଣ୍ଣରୂପେ ପ୍ରାପ୍ତ ହୋଇ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଏବଂ ସିଭିଲ ଜଜ ସମତାର କାର୍ଯ୍ୟ କରୁଥିଲେ ଏବଂ ନିମ୍ନ ଶ୍ରେଣୀର ଅଦାଲତ ମାନଙ୍କର ଅପିଲ ମଧ୍ୟ ଶୁଣୁଥିଲେ ଅତଏବ ଯାହାଙ୍କ ଶିକ୍ଷା ଉପଯୁକ୍ତ ହୋଇ ଅଛିବୋଲି କର୍ତ୍ତୃପକ୍ଷମାନେ ସନ୍ତୁଷ୍ଟ ହୋଇ ବାରମ୍ବାର ଲେଖି ଯାଇଅଛନ୍ତି ଅମ୍ଭେମାନେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଁ ଏହି ନୂତନ ରାଜା ଅକ୍ଲେଶରେ ଆପଣା ପିତାଙ୍କ ପଦ ସୁଶାସନ କରିବାକୁ ସମର୍ଥ ହେବେ ।

ଜନୈକଦର୍ଶକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ପଞ୍ଚମୁ ଜଗନ୍ନାଥ ମହାପାତ୍ର | ପୁରୀ | ଟ ୩ ( |
| „ ବଇମଣି ମହାନ୍ତି ପୋଷ୍ଟମାଷ୍ଟର ପୁରୀ | | ଟ ୩ ( |
| „ ରଘୁନାଥ ଘୋଷ ରଘୁନାଥପୁର | | ଟ ୩ ( |
| „ ଅର୍ଜୁନ ଦାସ ହେଡ଼ପଣ୍ଡିତ ସତ୍ୟବାଦୀ | | ଟ ୧ ( |
| ଚୌଃ ଦୀନବନ୍ଧୁ ଚରଣ ପଟ୍ଟନାୟକ ଭଣାଟିଟା | | ଟ ୨ ( |
| ବାବୁ ଧଣାଲଗୋବିନ୍ଦ ଦାସ ଦୁର୍ଗାମଣି ଜଗତସିଂହପୁର | | ଟ ୩ ( |
| „ ରାମପ୍ରଧାନ | କେଶରିଗୁଡ଼ା | ଟ ୩ ( |
| „ ଦାଶରଥି ପଟ୍ଟନାୟକ | ବରଗଡ଼ | ଟ ୩ ( |
| „ ପଦ୍ମନାଭ ଦେବ | ପାରଲାକେମଣ୍ଡି | ଟ ୩ ( |
| „ ଗୋବିନ୍ଦଚନ୍ଦ୍ର ମିଶ୍ର | ଅଲଦବ୍ରେ | ଟ ୨ ( |

# ବିଜ୍ଞାପନ ।


## NOTICE.

Wanted a Head Clerk and Accountant for the office of the Municipal Commissioners, Cuttack, on a salary of Rs. 40 rising by a biennial increment of Rs. 2 to Rs. 50 per mensem. None need apply who has no experience in office correspondence and accounts and would not stick to the post for at least three years.

A cash security of Rs. 500 is required to be furnished. Applications with copies of testimonials will be received by the undersigned on or before the 13th September, 1902.

Cuttack Municipal office, 1—9—1902. J. N. BOSE, *Chairman.*

# Public Notice.

All that remains of the late Dr Buckley's old house, including walls roof floor beams bargahs &c. will be sold by auction at the site, Sutahat on Tuesday morning next, the 9th instant: at 8. A. M.

Conditions of sale.

1. The sale will be without reserve.
2. If there is any dispute as to purchaser the lot will be put up again
3. A deposit of ten per cent must be paid at the auction.
4. The whole of purchase money must be paid before any materials are removed.
5. Walls and floors *to ground level* may be taken but foundations are not to be touched.
6. The whole of materials purchased must be removed from the site within one colendar month or forfeited.
7. If the purchase money is not paid within one week of the auction the sale will be regarded as null and void, the deposit will be forfeited and the building put up again to auction.

Some lots of old glass doors, bamboes &c. will be also put up to auction Intending bidders will do well to satisfy themselves as to the value of building on the premis monday.

J. G. Pike.


Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।




ଯେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରିଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, କଡ଼୍‌ଲିଭରଅଏଲ, ଫଷ୍ଫୋରାଇଲ ଗେଲ୍‌ବନ୍ ଡ୍ୟାକ୍‌ଚନ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗବିହୀନ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶରୁ କେବେ ଆମଦାନୀ ହୋଇ ନାହିଁ ।

• କିଏ ନ ଜାଣେ ସାଲସା, କଡ଼ିଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଘୁଞ୍ଚିରହେ !

କ୍ଷଣିକ ଉପଶମ ଦେଖାଇ ପୁନର୍ବାର ସମୟରେ ଦ୍ୱିଗୁଣ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଶାନ୍ତ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କିମ୍ବା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ୱାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଏସିଆ, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ଚିକିତ୍ସା ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ର ହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ !

ସ୍ୱାରମାଟିନ କଣ ?

କେତେକ ଜଣ ସୁବିଜ୍ଞ ଫ୍ରେଞ୍ଚ ଚିକିତ୍ସକଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବୈଜ୍ଞାନିକ ସାରାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସଂଯୋଗରେ ରାସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେଁ କିନ୍ତୁ ଗୁଣର ତୁଳନାରେ ଏହା ମାତ୍ରା ଔଷଧ ଏବଂ ମୋଦକ ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାରମାଟିନର ଶକ୍ତି ଦ୍ୱିବିଧପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ ଓ ହୃତ୍‌ପିଣ୍ଡ ବା ଫୁସ୍‌ଫୁସ୍ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମାର୍ଗରୁ ଅଳ୍ପ ବା ଅଧିକ ସ୍ରାବ, ଟୋପା ଟୋପା ମୂତ୍ର ପତନ, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ଜଳରେ ଫେନ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୂତ୍ରବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର କ୍ଷୀଣତା, କ୍ଲୀବତ୍ୱ, ହାତ ଗୋଡ଼ ଫୋଲା ଫଟା, କେଶର ଅକାଳପକ୍ୱତା, ମସ୍ତକର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଅନୁସଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରଦ ଓ ଗନ୍ଧକର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭାବ ହେତୁରୁ ପ୍ରକଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ଖାଜର ଘା, ନାକ ଓ ମୁଖରେ ଏବଂ ମସ୍ତକେ ଘା, ମସ୍ତକର ବାଳଉପୁଡ଼ିବା ହାତ ଗୋଡ଼ ଓ ଅଙ୍ଗରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ ସ୍ଥାନେ ଖାଦା ବା ଫଳାଦେବା, ଚର୍ମ ଚମଡ଼ା ଉଠିବା ପୁନଃ ପୁନଃ ବାଘି ପଡ଼ିବା, ଦେହରେ କଥ ବା ବ୍ରଣ ବାହାରିବା ଶରୀର ପିକାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତଦର୍ଶନ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଦନାଳ ପ୍ରଦାହ, ଆହାରରେ ଅରୁଚି, ଓ ବିଷାଦ, ଘନ ଚଳବା, ଓ ହୃତ୍‌କମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍‌ଫୁସ୍‌ର କାର୍ଯ୍ୟ କାରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍‌ପିଣ୍ଡ ବା ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେତୋଟି ବୈଜ୍ଞାନିକ ବିଶେଷ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିଚୟ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଳ୍ପକଷ୍ଟରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ୱାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ୱାରମାଟିନ ଥରେ ମାତ୍ର ବ୍ୟବହାର କରିବା ଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣମାତ୍ର ସନ୍ଦେହ କରିବାର ଅବସର ନାହିଁ ।

Digitized by srujanika@gmail.com

Split by PDF Splitter



ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୮ ୧ ୧ ଏକ ଟଙ୍କା । ଡଜନ ୮ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ୮ ୦ ୫/ ତିନି ଶିଶିରେ ୮ ୦ ॥/ ଓ ୬ ଶିଶିରେ ୮ ୧ ଓ ଡଜନ ୮ ୧।

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager*<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ନଂ ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ କରଘୋଷଷ୍ଟ୍ରୀଟ, ସିମଲିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିବାହ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଢେକ୍କାର (ଖଟାଢେକୁଟି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାକାର ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଲୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର କାଶରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଚାରି ଅଣା । ଉପଯୁକ୍ତ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ-ସେହି
"ଇଲେକ୍ଟ୍ରୋ ସାଲସା"
ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜେଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେଉଁରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ସୁଖ୍ୟାତିପତ୍ର ଲାଭ କରୁଅଛୁ ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ, ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଗେଜେଟରେ ପ୍ରକାଶିତ ଓ ବର୍ଣ୍ଣିତ ହେଉଥିବା କି ସ୍ୱଦେଶୀ କି ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖନ୍ତି—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଡଜନ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼୨ ହାସପାତାଲରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିୟା, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଠିଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣି, ଚୁଲି ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ପାରା ଗରମିର-ସାଦା ବା କଳା ଦାଗ, ଧବଳ କୁଷ୍ଠରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମିର ବିଷର ଜଡ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,- ତଥା ଯାବତୀୟ ଶୁକ୍ରବ୍ୟାଧି- ଅର୍ଥାତ୍-ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହନାଡ଼, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳର ଶୁଷ୍କ ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ

Digitized by srujanika@gmail.com

ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଝାଡ଼ା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହୁଏ ହେଉଥିବା ବା ଅତ୍ୟଧିକ ସହବାସ ହେତୁ ସ୍ମରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ଥିରତା, ନିର୍ଜ୍ଜନ ପ୍ରିୟତା, ଚଳିବା ବୁଲିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ଦଣ୍ଡ ଭୋଗ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" କୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ବହୁ ପ୍ରମାଣ ପୁସ୍ତିକା କାରରେ ଛାପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର କେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ନିଉୟର୍କ ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବଲିଉ,ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହାପରେ ଆମ୍ଭର "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S. MEDICAL LABORATORY CALCUTTA
TRADE MARK

ଆମେରିକା ପ୍ରଦେଶସ୍ଥ ନେଉୟର୍କ ନଗରବାସୀ ମହାବିଜ୍ଞ ଡାକ୍ତର କେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅବ୍ୟର୍ଥ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ଯାହା ଡାକ୍ତରମାନେ ଯେଉଁ ରୋଗ ଅସାଧ୍ୟ ହୋଇ ଛାଡ଼ି ଦେଉଅଛନ୍ତି ଏହି ମହୌଷଧ ସେହି ରୋଗରେ ଦିବ୍ୟାସ୍ତ୍ର !

ଇଲେକ୍‌ଟ୍ରୋ ସାଲସା;—ଚିକିତ୍ସକ ଜଗତରେ ଯଥାର୍ଥରେ ଯୁଗାନ୍ତର ଆଣି ଦେଇଅଛି ... ଏହାର ଅତ୍ୟାଶ୍ଚର୍ଯ୍ୟ କିମ୍ବା ପ୍ରକାର ଗୁଣ ଏବଂ ପ୍ରତ୍ୟେକ ଔଷଧ ସେବନ କ୍ଷଣରେ ... କୌଣସି ବୈଜ୍ଞାନିକ କିମ୍ବା ... ଏହାର ଶକ୍ତିମତ୍ତାର ପ୍ରଥମ ... ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଆମ୍ଭମାନଙ୍କ ଦେଶ ... ଜଗତର ... ଦେଶ ... ଏହି ଶକ୍ତି ଯେ ଔଷଧରେ ପ୍ରୟୋଗ କରାଯାଇ ତାହା ସେ ଅଲୌକିକ ଶକ୍ତି ଧାରଣ କରିବ ଏଥିରେ ଆଉ ସନ୍ଦେହ କଣ ?

ପାଶ୍ଚାତ୍ୟ ଖ୍ୟାତନାମା ... ପଣ୍ଡିତମାନେ ... ଏବଂ ... ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ... ଶକ୍ତିର ସମତା ... ମାତ୍ର ଔଷଧ ସମନ୍ୱିତ ସେ ... ସମତା ... ନ ପାରେ । ... ଶକ୍ତି ସଂଯୋଗ ... କୌଣସି

ଔଷଧରେ ଏ ଅଦ୍ଭୁତ ସମନ୍ୱୟ ମୋହନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ... ଅବସ୍ଥାର ... ପ୍ରୟୋଗ କରି ... ଅସ୍ଥି ... ସମର୍ଥ ହୁଅନ୍ତି । ... ଏହେ ଆଉ ... ନାହିଁ । ଅତି ... ମହୌଷଧ ... ଆବିଷ୍କାର କରିଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ... ଜଗତରେ ... !!

ଅଛି ... ଇଲେକ୍‌ଟ୍ରୋ ସାଲସା ... ଔଷଧ ... ନାହିଁ ... "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ... ହେବ, ... ପାଇବେ ।

ରକ୍ତ ଦୁଷ୍ଟ, ବାତରକ୍ତ, ଅମ୍ଳପିତ୍ତ, ... ଗର୍ମି, ଖାଲିଟା, ଗାତ୍ରଦଣ୍ଡ, ବାତ, ଶୂଳ, ... ପ୍ରମେହ, ଧାତୁ ଦୌର୍ବଲ୍ୟ, ... ପ୍ରସ୍ରାବ ... ମୁଣ୍ଡ ଘୂରିବା, ... ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ... ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ପରୀକ୍ଷା ... ସପ୍ତାହ ... ଶିଶି ୫ ୧ ୧ = ଟଙ୍କା ... ପଠାଇବାର ... ଶିଶିରେ ... ଟଙ୍କାରେ ... ।

ଅନୁସନ୍ଧାନ ପତ୍ର ପଠାଇବାର ଠିକଣା
W. MAJOR & Co. Calcutta } ଡବଲିଉ, ମେଜର ଏଣ୍ଡ କୋଂ କଲିକତା
TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ପ୍ରତିପଙ୍କ୍ତି | ୮ ୦ ୬ |
| ଅଧସ୍ତମ୍ଭ | ୫ ୬ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୮ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ହ୍ରସ୍ୱ ହେଲେ, ତହିଁର ଖର୍ଚ୍ଚ ୫୦ ୴ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ... ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

ଏଲାହାବାଦଠାରେ ଅନୁବନଗରେ ୮୫ ଜଣ କୃଷକ କୂଅଠାରୁ ମୃତ୍ୟୁମୁଖରେ ପଡ଼ିଥିବାର ସମ୍ବାଦ ମିଳଇ । କଥିତ ହୁଏ ଏହାଙ୍କ ବଳ ମଧ୍ୟରେ ଗୋଟିଏ କୂଅ ଥିଲା । ବୃଷ୍ଟିଯୋଗୁ ଏହା ପୂର୍ଣ୍ଣ ହୋଇଯାଇ ତହିଁ ମଧ୍ୟରେ ଝାଉଁ ଜଙ୍ଗଲ ତାଳ ଗଛ ଇତ୍ୟାଦି ପଡ଼ି ସଢ଼ି ଯାଇଥିଲା । ଅକସ୍ମାତ୍ ଗୃହ କାର୍ଯ୍ୟର ସୁବିଧା ହେତୁ ଜଣେ କୃଷକ ତହିଁମଧ୍ୟରୁ ଝାଉଁ ତାଳ ଇତ୍ୟାଦି କାଢ଼ିବା କାରଣ ଯାଇ ନିଶ୍ୱାସ ବନ୍ଦ ହୋଇ ମରିଗଲା । ତାହାକୁ ଉଠାଇବା କାରଣ ଅନ୍ୟ ଜଣେ କୃଷକ କୂପ ମଧ୍ୟକୁ ଯାଇ ମରିଗଲା । ଏହିପରି ତାହା ପଛେ ୬ ଅନ୍ୟ ୮ ଜଣ ଯାଇ ମରିଗଲେ । ଘଟନା ଶୁଣି ଅନେକ ଲୋକେ ସେଠାରେ ଜମା ହେଲେ ଏବଂ କୂପ ମଧ୍ୟରେ ମୃତ ଥାଇ ଏମାନଙ୍କୁ ମାଡ଼ି ପକାଇବାର ହିସାବ କଲେ । ସେହି କୂପର ଜଳ ପରୀକ୍ଷାର୍ଥ ଆଗ୍ରାଠାକୁ ପଠା ଯାଇଅଛି ।—କି ଭୟଙ୍କର ଦୈବ ଦୁର୍ଘଟଣା ।

କୁମ୍ବକୋଣମଠାରେ ଜଣେ ମାଧ୍ୱ ବ୍ରାହ୍ମଣ ପୂର୍ବକ ପ୍ରତାରଣା ଅଭିଯୋଗରେ ଫୌଜଦାରୀ ସୁପର୍ଦ୍ଦ ହୋଇଥିବାର ସମ୍ବାଦ ମିଳଇ । ଏହାର ନାମ ବେଦବ୍ୟାସାଚାର୍ଯ୍ୟ ତହିଁର ନାମ ରାଘବେନ୍ଦ୍ର ରାଓ ଗୃହସ୍ଥ ଅଟେ । ସେ ଆପଣାକୁ ଅଙ୍କ ଶାସ୍ତ୍ରରେ ଉପାଧି ପାଇଥିବାର ପରିଚୟ ଦେଇ କଲିକତା କଲେଜରେ ଏକ ପଦ ପାଇଥିଲା ଏବଂ ଜଣେ ଓକିଲ ଆପଣାର କନ୍ୟାକୁ ତାହା ସହିତ ବିବାହ ଦେବା ଏବଂ ଦେଢ଼ ହଜାର ଟଙ୍କା ଯୌତୁକ ଦେବାର ସ୍ଥିର କରିଥିଲେ । ଅତଃପର ସେ ଆପଣାର କାର୍ଯ୍ୟ ପରିତ୍ୟାଗ କରି ଶ୍ୱଶୁର ଘର ଥିବା ଗ୍ରାମରେ ଅବସ୍ଥାନ କଲା । ଶୀଘ୍ର ଶ୍ୱଶୁର ସହିତ ଏବଂ ତାହାର ସଙ୍ଗୀମାନଙ୍କ ଶ୍ୱଶୁରଙ୍କୁ ତାର କାର୍ଯ୍ୟ-ଅଭିବାକୁ କ୍ରମେ ସନ୍ଦେହ ହୋଇ ତଦନ୍ତରେ ପ୍ରକାଶ ପାଇଲା ଯେ ସେ ଅଦୌ ପ୍ରବେଶିକା ପରୀକ୍ଷା ଦେଇ ନାହିଁ ଏବଂ ଅଙ୍କ ଶାସ୍ତ୍ରରେ ତାହାର ବିଦ୍ୟା ଅବିଶ୍ୱାସକର ଅଟେ । ଗୋଟିଏ ଧନୀ ଲୋକର ଘରେ ବୈବାହିକ ସମ୍ବନ୍ଧ କରିବା କାରଣ ସେ ଏପରି ମିଥ୍ୟା ପରିଚୟ ଦେଇଥିବ । ମୋକଦ୍ଦମା ବିଚାରାଧୀନ ।

କାଠପଦା ଷ୍ଟେସନଠାରୁ କାଠପଦା ନଗର ପର୍ଯ୍ୟନ୍ତ ଟ୍ରାମୱେ ଓ ନାରୋଗେଜ ରେଲୱେ ନିର୍ମାଣ କରିବା କାରଣ ଷ୍ଟେଟ ସେକ୍ରେଟେରି ମତ ପ୍ରଦାନ କରିଅଛନ୍ତି । ରେଲୱେ ଶୀଘ୍ର ନିର୍ମିତ ହେବ ।

ଗତ ମାସ ତା ୨୫ ଋଖରେ ଜୟପୁରର ମହାରାଜା ବିଲାତ ଖଣ୍ଡ ଭାରତାଭିମୁଖେ ଯାତ୍ରା କରିଥିବାର ସମ୍ବାଦ ମିଳଇ ।

ଦିଲ୍ଲୀ ଦରବାର ଉପଲକ୍ଷେ ସୈନ୍ୟ ସମବେତ ଓ ପରେଡ଼ ଇତ୍ୟାଦିର ଖର୍ଚ୍ଚ ସାତଲକ୍ଷ ଟଙ୍କା ଦେବାର ଅନୁମତି ହୋଇଅଛି ।

କଲିକତାରେ ସ୍ୱର୍ଗୀୟା ପ୍ରଭଗଭସ୍ୱ ଉଦ୍ବୋଧସ୍ୱା ଦେବୀଙ୍କ ଦକର ଉପରେ ପାଠଶାଳ ସାହା ଫୁଲମାଳ ଲଗାଇ ଥିବାର ସମ୍ବାଦ ମିଳଇ ।

ଖଣ୍ଡିକୋଟର ରାଜା ଦିଲ୍ଲୀ ଦରବାରକୁ ନିମନ୍ତ୍ରିତ ହୋଇ ଥିବାର ସମ୍ବାଦ ମିଳଇ । ସେହାଙ୍କ ସଙ୍ଗେ ସେହାଙ୍କ ସେକ୍ରେଟରି ଟେଲାମ ସାହେବ ମଧ୍ୟ ଯିବେ ।

## ବିଜ୍ଞାପନ ।

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡଙ୍କ ଖର୍ଚ୍ଚରେ ତନ୍ତୀ ଓ ବଢ଼େଇମାନେ କଲିକତା ଶିବପୁର ମୁକାମକୁ ଯାଇ ଦ୍ରୁତଗାମୀ ମାକୁଦ୍ୱାରା କାର୍ଯ୍ୟ ଶିଖି ଆସି ଏଠାରେ ଉକ୍ତ ଧରଣରେ କାର୍ଯ୍ୟ ଦେଖାଉଥିଲେ କିନ୍ତୁ ଘରର ଅଭାବ ଥିବା ହେତୁ ଉକ୍ତ କାର୍ଯ୍ୟ କେତେକ ଦିନ ସକାଶେ ବନ୍ଦ ଥିଲା । ବର୍ତ୍ତମାନ ସେଥି ସକାଶେ ଗୋଟିଏ ସ୍ୱତନ୍ତ୍ର ଘର ତିଆର ହୋଇ ତନ୍ତ ବସି କାର୍ଯ୍ୟ ହେଉଅଛି । ଅତଏବ ଏ ଜିଲ୍ଲାର ସମସ୍ତ ରାଜା ଓ ଜମିଦାର ଓ ଭଦ୍ରଲୋକମାନଙ୍କୁ ଜ୍ଞାତ କରା ଯାଉଅଛି ଯେ ସେମାନଙ୍କ ଜମିଦାରୀ ଓ ଗ୍ରାମରେ ଥିବା ପ୍ରଜା ଓ ଗ୍ରାମବାସୀମାନଙ୍କ ଉପକାରାର୍ଥେ ଏଠାରେ ଉକ୍ତ କାର୍ଯ୍ୟମାନ ଶିକ୍ଷା କରାଇବା ନିମନ୍ତେ ଯଦି କାହାର ଇଚ୍ଛା ଥାଏ ତେବେ ସେମାନଙ୍କୁ ଏଠାକୁ ପଠାଇଦେଲେ ଡିଷ୍ଟ୍ରିକ୍ଟ ବୋର୍ଡ ସେମାନଙ୍କୁ ଦ୍ରୁତଗାମୀ ତନ୍ତ ତିଆର କରି ଓ ତନ୍ତରେ ବୁଣିବା କାର୍ଯ୍ୟ ବିନା ପଇସାରେ ଶିକ୍ଷା ଦେବେ ।

*District Board's Office*
*Dated the 27th August 1902*
*Vice Chairman*

## ଏହାଇ ଦାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ କିଞ୍ଚିତ୍ ଯତ୍ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଦାଦୁ ହୋଇଥାଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବଡ଼ା ଜ୍ୱାଳା ଯନ୍ତ୍ରଣାରେ ଶୀଘ୍ର ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବଜନ କର୍ତ୍ତୃକ ଏହା ଆଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୶ ଛ ଅଣା, ଏକକରେ ୬ ଛ ବା ୧୨ ବାର ଗୋଟା ନେଲେ ନେତାର ବିଶେଷ ଲଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଗ୍ରହ ଲେଖିଲେ ବ୍ୟବସ୍ଥାପକସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—
ଶ୍ରୀ ରାମତାରକ ସେନ ।
ଦେବ ଉତ୍କଳପ୍ରେସ, ବାଲେଶ୍ୱର

## ବିଜ୍ଞାପନ ।

**ପ୍ରାଥମିକ ଅଙ୍କଶିକ୍ଷା**—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ନିମ୍ନ-ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କୁ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ଗ୍ରନ୍ଥର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ଚାରିଅଣା ମାତ୍ର ।

**ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ**—ଭର୍ଣ୍ଣାକୁଲର, ଅପରପ୍ରାଇମେରୀ ଓ ନିମ୍ନପ୍ରାଇମେରୀ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପଞ୍ଚଶତାଧିକ ସୁନ୍ଦର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବିଷ୍ଟ ହୋଇଅଛି । ମୂଲ୍ୟ ଟ ୦। ମାତ୍ର ।

**ତୃତୀୟ ପାଠର ବ୍ୟାଖ୍ୟା**—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳାକୃଷ୍ଟ ପ୍ରଶ୍ନମାନ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ବାଲବନ୍ଧୁ**—ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପଦ୍ୟାକାରରେ ଲିଖିତ ହୋଇଅଛି । ମୂଲ୍ୟ ଟ ୦/୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍‌ଏଜେଣ୍ଟମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଆମ୍ଭଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଆଶାତୀତ କମିଶନ ଲାଭ କରିବେ ।

ସେଖ ମଜଗୁଦ୍ଦୀନ
ହେଡମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ଲ୍‌ସ୍କୁଲ କଟକ ।

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିହ
ଜେନରଲ ସେକ୍ରେଟରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରିୟଲ ଏକ୍ଜିବିସନ

Digitized by srujanika@gmail.com

## ବିଜ୍ଞାପନ ।

## ଫଲେନ ପରିଚୀୟତେ

ଡାକ୍ତର ଶ୍ରୀଛକଡ଼ି କର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ବିଶୁଦ୍ଧ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତ୍ୟନ୍ତ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚିତ ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତ୍ରିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଟିଣିର ମୂଲ୍ୟ ଟ ୨ ୧

### ଶୁକ୍ରବର୍ଦ୍ଧକବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନ କାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅତିରିକ୍ତ ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ପତରୁ ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ କଳା ଓ ଚକା ଦାଗ; ଗୋଡକୋଳୁଡ଼ି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକଥରେ ଛଅଶିଶି ନେଲେ ଟ ୪୧ ଙ୍କା ଲାଗେ ।

ଚୌଧୁରୀ ବଜାର, କଟକ } ଶ୍ରୀ ଛକଡ଼ି କର କବିରତ୍ନ, ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

---

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସର୍ଦ୍ଦାର ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରେଇକଲା, ସୋନପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତଇଲାବୋଟା, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, ଚୋଗା, କଂଶାପ, ବାସ୍ତା, ସଙ୍ଗୀ, ଦୋପଟା ମଣ୍ଡଳ, ଶିରରେ ବାନ୍ଧିବାର ପେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରତ୍ନାଦି ଖଚିତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବସନ ଅନୁସାରେ ତିଆରି କରାଇ ଦେଉ । ବସନ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ଯଥାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କେ ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଳାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

---

## ବିଜ୍ଞାପନ ।

### ଏଇଚ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଯନ୍ତ୍ରଣାରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ।୵ ଅଣା ।

ପ୍ରାପ୍ତିସ୍ଥାନ ଏଇଚ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।

---

## ବିଜ୍ଞାପନ ।

### ନୂତନ ପୁସ୍ତକ ।

| | |
|---|---|
| ନଥିଶିକ୍ଷା ( ନୂତନ ଛପା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଜାମରତ୍ନଗୀତା ୨ୟ ଭାଗ | ଟ ୦ । |
| ମଣ୍ଡିସବଣ ସୁଷ୍ଠ | ଟ ୦୵୭ |
| ପ୍ରବନ୍ଧ ଅଶ୍ୱତ୍ଥ ବା ଜାଦମ୍ବଣ୍ଣି ଉପନ୍ୟାସ (ଖଣ୍ଡ) | ଟ ୦ ୲ |
| ଭକ୍ତି-ସଙ୍ଗୀତ | ଟ ୦ ୵ |
| ବୈଦ୍ୟଗୀତା | ଟ ୦ ୲ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ ୵ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

---

## ବିଜ୍ଞାପନ ।

ଉତ୍କଳର ଅମୂଲ୍ୟରତ୍ନ

## ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନିଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ କ୍ରୟ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ଚାରିଅଣା ମୂଲ୍ୟରେ ପାଇବେ । ପରେ ପ୍ରକୃତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

ଆଲିଗଳି, କଟକ, ୨୨।୭।୧୯୦୭ } ଶ୍ରୀ ଶଶିଭୂଷଣ ରାୟ, ପ୍ରୋପ୍ରାଇଟର—ରାୟପ୍ରେସ

☞ ମୂଳପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୩୭ ଶ / ସଂଖ୍ୟା ୩୭

CUTTACK, SATURDAY THE 13th September 1902.

ତା ୨୯ ଭାଦ୍ର ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩୧ / ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

### ନୂତନ ନାଟକ ।

ଶ୍ରୀ ରାମଶଙ୍କର ରାୟ ବର୍ତ୍ତିକ

ପ୍ରଣୀତ

### ଯୁଗଧର୍ମ ନାଟକ !

କଟକ ପ୍ରିଣ୍ଟିଂକୋମ୍ପାନିକପୁସ୍ତକାଳୟରେ ପ୍ରାପ୍ତବ୍ୟ

ମୂଲ୍ୟ ଟ ୦ ୪

## ADVERTISEMENT.

Two old Tents with servant's PAL and necessary TENT to be sold by auction on 22nd September 1902.

Canal Revenue office Cuttack Dated the 6th September 1902. } Balaram Das Deputy Collector Revenue Division Orissa Canals

## NOTICE.

Wanted a Head Master, strong in English, for the middle class English school at Pipli on a monthly Salary of Rs. 20 with prospect of increment. None need apply who has not passed the Entrance Examination in the First Division. Applications to reach the undersigned on or before the 30th September 1902.

3-9-1902 } Jagadanand Patnaik *Secretary.*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜ୍ଞାତ କରୁ ଯାଉଅଛୁ ଯେ ଅମ୍ଭେ ତା ୧୧ ଋଣ ମାହେ ଡସମ୍ବର ସନ ୧୮-୯୪ ମସୀହା ଲିଖିତ ରେଜେଷ୍ଟ୍ରୀ ସଂଯୁକ୍ତ ଅମ-ଅଲ୍ଲାରେନାମ ଦ୍ୱାରା ମୁନସୀ ଶେଖ ହେଯାମୁଦ୍ଦୀନ ଓ ରାମଚନ୍ଦ୍ର ଦାସ ବାବୁ ଓଗେଇ ପ୍ରଭୃତି ଜଣଙ୍କୁ କ୍ଷମତା ଦେଇଥିବା ଓ ତନ୍ମଧ୍ୟରୁ ତା ୫ ଋଣ ସେପ୍ଟେମ୍ବର ସନ ୧୯୦୨ ମସୀହାରେ ମୁନ୍ସିଫ ଚରଣ ପଟ୍ଟନାୟକ ପୁଣି ଗୋକୁଳାନନ୍ଦ ପଟ୍ଟନାୟକ । ସା । ଡସବା । ଥ । ମାଲୁଦ । ଜି । ପୁରୀକବାହିରୁ ଅପଣାର କ୍ଷମତାପତ୍ରରୁ ରହିତ କଲୁଁ ।

ତା ୬।୯।୦୨ ସାଲ । ଜି । ପୁରୀ । ସା । ମାଲୁଦ } ସେଖ ମହମ୍ମଦ ଅକବର ଯାଗିରଦାର

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଅମ୍ଭର ଘଡ଼ି ଦୋକାନ ଅକ୍ଟୋବର ମାସ ପହିଲା ତାରିଖରୁ ବନ୍ଦ ହେବ । ସେହିଁ ଉଦ୍ଦେଶ୍ୟରେ ଘଡ଼ି ଅମ୍ଭ ନିକଟରେ ମରାମତି ହେବାକୁ ଅଛି ସେମାନେ ନିଜେ ବା ପ୍ରତିନିଧିଙ୍କ ଦ୍ୱାରା ଅମ୍ଭର ଦେଇଥିବା ରସିଦ ଓ ଉପସ ଦେଇ ତାଙ୍କର ଘଡ଼ିମାନ ଫେରାଇ ନେଉଁଲୁ । ନୂଆ ଘଡ଼ି, ତାହାର ଉପକରଣ ଆଲମାରୀ ଆଦି ସମ୍ବଦାୟକୁ ସୁଲଭ ମୂଲ୍ୟରେ ବିକ୍ରୀ କରଦେବୁ । ଏଣୁକରି ଲୋକଙ୍କୁ ଅଶେଷ ଅନୁରୋଧ କରୁଅଛୁଁ ସେମାନେ ନିଜେ ବା ତାଙ୍କ ତରଫରୁ ଯାହାକୁ ପଠାଇ ନଗଦ ମୂଲ୍ୟ ଦେଇ ଖରିଦ କରି ନେବା ହେଉଁଲୁ ।

ତା ୧୦।୯।୧୯୦୨ } ଅବଦୁଲ ଅଜୀଜ ଓ୍ୱାଚ ମେକର ଚଉଧୁରୀ ବଜାର କଟକ

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭର ଇଷ୍ଟେଟର ମ୍ୟାନେଜର ଶ୍ରୀ ବାବୁ ରାମଲାଲ ଘୋଷଙ୍କୁ ଅମ୍ଭେ ଦେଇଥିବା ଆମ-ମୋକ୍ତାରନାମା ତା ୧।୫।୦୨ ରେ କାର୍ଯ୍ୟରୁ ଇସ୍ତଫା କରିଥିଲେ ଓ ତା ୬।୮।୦୨ ରେ କାର୍ଯ୍ୟରୁ ଓହ୍ଲାଇ ଯାଇଅଛନ୍ତି ଏବଂ ତାଙ୍କ ନାମରେ ଅମ୍ଭେ ଦେଇଥିବା ଆମମୋକ୍ତାରପତ୍ର ଉକ୍ତ ତାରିଖଠାରୁ ଅମ୍ଭେ ରଦ କରିଥିବାରୁ ତାହା ଅକର୍ମଣ୍ୟ ହୋଇଅଛି ଉକ୍ତ ଆମମୋକ୍ତାରପତ୍ର ବଳରେ ସେ କୌଣସି କାର୍ଯ୍ୟ କରି ନ ପାରନ୍ତି ଯଦି ସେ ଉକ୍ତ କ୍ଷମତାପତ୍ର ବଳରେ କୌଣସି କାର୍ଯ୍ୟ କରନ୍ତି କିମ୍ବା କରିଥାନ୍ତି ସେଥିସକାଶେ ଅମ୍ଭେ କିମ୍ବା ଅମ୍ଭର ଇଷ୍ଟେଟ ଦାୟୀ ହେବ ନାହିଁ । ଇତି ।

ଶ୍ରୀ ନରେନ୍ଦ୍ରନାଥ ରାୟ ଚୌଧୁରୀ
ଜମିଦାର କଟକ ।

Digitized by srujanika@gmail.com

# ଉତ୍କଳଦୀପିକା ।

ଅସ୍ମମାନଙ୍କର ସମ୍ରାଜ୍ଞୀ ଅଭିଷେକ ସମୟରେ ଭାରତରୁ ବଡଲାଟ ପତ୍ନୀଙ୍କ ଯତ୍ନରେ ପ୍ରସ୍ତୁତ ହୋଇ ଯାଇଥିବା ପୋଷାକ ପରିଧାନ କରି ସେ ବିଷୟ ଭାରତବାସୀଙ୍କୁ ଜଣାଇଦେବା କାରଣ ପତ୍ର ଲେଖିଅଛନ୍ତି । ଏଥିରୁ ଭାରତ ପ୍ରତି ସାମ୍ରାଜ୍ଞୀଙ୍କ ଅନୁରାଗ ଏବଂ ଭାରତବାସୀଙ୍କ ପ୍ରତି ତାଙ୍କର ପ୍ରଗାଢ଼ ସ୍ନେହର ପରିଚୟ ମିଳୁ ନାହିଁ କି ? ଏ ପୋଷାକ ସାମ୍ରାଜ୍ଞୀଙ୍କ ମନକୁ ବିଶେଷ ମୋହିଅଛି ଏବଂ ଭାରତ ତଦ୍ୱାରା ଯଥେଷ୍ଟ ଗୌରବାନ୍ୱିତ ହୋଇଅଛି ।

---

ଗୁଜରାଟ ଓ ମଧ୍ୟ ଭାରତରେ ବୃଷ୍ଟିର ଅଭାବ ଦେଖି ଯାଉଅଛି । କେବଳ ପଞ୍ଜାବ ପ୍ରଦେଶରେ ନିୟମିତ ପରିମାଣ ଜଳ ଅଭାବ ହୋଇ ନାହିଁ ଏବଂ ଅନ୍ୟାନ୍ୟ କେତେକ ସ୍ଥାନରେ ଜଳର ଅଳ୍ପ ଲୋଡା ଅଛି । ଯାହାହେଉ ବମ୍ବେ, ସିନ୍ଧ ଏବଂ ରାଜପୁତାନାରେ ବୃଷ୍ଟି ହେବାରୁ କୃଷିକାର୍ଯ୍ୟର ସୁବିଧା ହୋଇଅଛି ଏବଂ ତହିଁ ସଙ୍ଗେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଏକ ଲକ୍ଷ ୬୦ ହଜାର ଊଣା ପଡି ସାଢ଼େ ଚାରି ଲକ୍ଷକୁ ଖସି ଆସିଅଛି ।

---

ମାନ୍ଦ୍ରାଜ ପ୍ରଦେଶର ଯେ ସମସ୍ତ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦିଲ୍ଲୀ ଦରବାରରେ ଉପସ୍ଥିତ ହେବା କାରଣ ଅନୁଜ୍ଞାପତ୍ର ପାଇଅଛନ୍ତି ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ମହାଶୟଙ୍କର ନାମ ଦେଖିଲୁଁ ଯଥା—ମହାରାଜା କୋଚିନ ଓ ଜୟପୁର, ରାଜା ପାରଲାକେମେଣ୍ଡି, ରାଜା ବିଜୟନଗରମ, ରାଜା ଖଲିକୋଟ ଓ ଅଠଗଡ଼, ଜମିଦାର ଧରାକୋଟ, ଜମିଦାର ଇଟିୟପୁରମ ଓ ମଞ୍ଜୁଷା, ରାଜା ଭେଙ୍କଟ, ସର ଶେଷୟା ଶାସ୍ତ୍ରୀ, ସର ଭାଷ୍ୟମ ଅୟ୍ୟଙ୍ଗାର, ସର ଟି, ସୁବ୍ରମଣି ଅୟ୍ୟର, ମାନ୍ୟବର ନବାବ ସୟଦ ମହମ୍ମଦ ସାହେବ ଇତ୍ୟାଦି ।

---

କଲିକତା ବିଶ୍ୱ ବିଦ୍ୟାଳୟର ଗତ ବର୍ଷର ବି, ଇ, ପରୀକ୍ଷାରେ ଶିବପୁର ସିଭିଲ ଇଞ୍ଜିନିୟରିଂ କଲେଜର ୫ ଜଣ ଛାତ୍ର ପ୍ରଥମ ଶ୍ରେଣୀରେ ଏବଂ ୮ ଜଣ ଛାତ୍ର ଦ୍ୱିତୀୟ ଶ୍ରେଣୀରେ ମୋଟ ୧୩ ଜଣ ଛାତ୍ର ପାସ କରିଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଉପେନ୍ଦ୍ରନାଥ ଦତ୍ତ ସର୍ବ ପ୍ରଥମ ହୋଇଅଛି । ଏହି ଫଳ ଅତ୍ୟନ୍ତ ସନ୍ତୋଷଜନକ ଅଟେ ଏବଂ ପୂର୍ବେ କେବେ ଏପରି ଘଟି ନ ଥିଲା । ସିଭିଲ ଇଞ୍ଜିନିୟରିଂ କଲେଜରେ ପାସ କରିବା ବ୍ୟକ୍ତିଙ୍କର ଭବିଷ୍ୟତ ଆଶା କେତେ ଉଜ୍ଜ୍ୱଳ ତାହା ଅସ୍ମମାନଙ୍କ ମଧ୍ୟରେ ଅନେକ ଲୋକ ଅବଶ୍ୟ ବୁଝି ପାରୁ ନାହାନ୍ତି । ଭରସା କରୁଁ ଏମାନଙ୍କର କାର୍ଯ୍ୟ ଦେଖି ଏଣିକି ଛାତ୍ରମାନଙ୍କର ସେ ବିଦ୍ୟା ଶିକ୍ଷା ପ୍ରତି ଉତ୍ସାହ ବଢିବ ।

---

କଲିକତା "ଷ୍ଟେଟ୍‌ସମ୍ୟାନ" ସମ୍ବାଦପତ୍ରରେ ପ୍ରକାଶିତ ଏକ ତାରସମ୍ବାଦରୁ ଅବଗତ ହେଲୁଁ ଯେ କାବୁଲର ଅମୀର ହବିବଉଲ୍ଲା ଲାହୋରସ୍ଥ ଅଞ୍ଜୁମନ ହିମାୟତ ଇସଲାମ ନାମକ ସଭାର ଶିକ୍ଷା-ପାଣ୍ଠିକୁ ବାର୍ଷିକ ଟ ୬୦୦୦୲ ଟଙ୍କା ଦାନ କରି ଅଛନ୍ତି । ତାହାଙ୍କର ଜୀବଦ୍ଦଶାରେ ପ୍ରତିବର୍ଷ ଏହି ଟଙ୍କା ଦେବା କାରଣ ତାହାଙ୍କର ଦୃଢ଼ପ୍ରତି ଆଦେଶ ଦେଇଅଛନ୍ତି । ମହମ୍ମଦ ଉମର ଖାଁଙ୍କର ମାତା ଗୋଟିଏ ଅନାଥ ଆଶ୍ରମକୁ ଟ ୧୦୦୦୦୲ ଟଙ୍କା ଦାନ କରିଥିଲେ ଏବଂ ଅମୀରଙ୍କର ସାଲିଆନା ମାସିକ ଟ ୧୦୲ ଟଙ୍କା ମୂଲ୍ୟର ଗୋଟିଏ ବୃତ୍ତି ସ୍ଥାପନ କରିଅଛନ୍ତି ଯେ ଯେଉଁ ଅନାଥ ପିଲାମାନେ ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ କରି ଇସଲାମିଆ କଲେଜରେ ପଢିବେ ସେମାନେ ତାହା ପାଇବେ । ପଞ୍ଜାବର ମୁସଲମାନମାନଙ୍କର ଶିକ୍ଷା ବିଷୟରେ କାବୁଲର ଅମୀରଙ୍କର ଏ ପ୍ରକାର ଉତ୍କୃଷ୍ଟ ସାହାଯ୍ୟ ପୂର୍ବେ ଦେଖା ନ ଥିଲା । ଏହା ସ୍ୱଜାତି ପ୍ରେମର ଉଜ୍ଜ୍ୱଳ ଉଦାହରଣ ଅଟେ ।

---

ଗତ "ଓଡ଼ିଆ ଓ ନବସମ୍ବାଦ"ରେ ପାଠ କଲୁଁ କି ବାଲେଶ୍ୱର ଜିଲ୍ଲା ମଙ୍ଗଳପୁର ଜମିଦାରଙ୍କର ଗୁମାସ୍ତା ଗୁରୁବାସ ପଟ୍ଟନାୟକ ପ୍ରଜାମାନଙ୍କ ଉପରେ ନାନା ଅତ୍ୟାଚାର କରି ଦଣ୍ଡ ନେଉଥିବା ଅଭିଯୋଗରେ ହେଡ ପୁଲିସ ଇନସ୍ପେକ୍ଟରଙ୍କର ବାବୁ ଶ୍ରୀକୃଷ୍ଣ ମହାପାତ୍ରଙ୍କ ରିପୋର୍ଟ ମତେ ଜଣ୍ଟ ମାଜିଷ୍ଟ୍ରେଟଙ୍କଦ୍ୱାରା ଫଉଜଦାରୀ ସୋପର୍ଦ୍ଦ ହେବାରେ ବାବୁ ଆଶୁତୋଷ ଦତ୍ତ ଡେପୁଟିମାଜିଷ୍ଟ୍ରେଟ ସ୍ୱୟଂ ଅନୁସନ୍ଧାନ ପୂର୍ବକ ବିଚାର କରି ଗୁମାସ୍ତାକୁ ପ୍ରତି ଏକବର୍ଷ ନିମନ୍ତେ ସଦାଚରଣର ଜାମିନ ଦେବାର ଆଦେଶ ଦେଇଅଛନ୍ତି । ଜମିଦାର ଓ ଗୁମାସ୍ତା ପ୍ରଭୃତି କର୍ମଚାରୀଙ୍କଠାରୁ ସଦାଚରଣର ଜାମିନ ନେବାର ପ୍ରାୟ ଏହି ପ୍ରଥମ ଘଟଣା ଏ ପ୍ରଦେଶରେ ଅଟେ ମାତ୍ର ଦୁଃଖର ବିଷୟ ଯେ ସେହି ଶ୍ରେଣୀର ଲୋକଙ୍କ ମଧ୍ୟରେ କେହି୨ ଏହିରି ଶାସନର ଯୋଗ୍ୟ ଅଛନ୍ତି । ସେମାନଙ୍କୁ ଖୋଜି ବାହାର କରି ଅଙ୍କୁଶ କରିବା ପୁଲିସର କେତେକ ପ୍ରଧାନ କାର୍ଯ୍ୟ ଏବଂ ନ୍ୟାୟ ଓ ନିରପେକ୍ଷ ଭାବରେ ତାହା ନିର୍ବାହ ହେଲେ ସାଧାରଣ ଶାନ୍ତି ଏବଂ ପୁଲିସର ସୁଖ୍ୟାତି ଲାଭ ହେବ ।

---

ବଙ୍ଗ ପ୍ରଦେଶର ନିମ୍ନଶିକ୍ଷା ବିସ୍ତାର କାରଣ ମାନ୍ୟବର ବଙ୍ଗେଶ୍ୱର ଗତ ବର୍ଷ ସରକାରୀ ଅଧିକା ଦୁଇଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରିବାର ପାଠକମାନଙ୍କୁ ଜଣା ଅଛି । ତହିଁ ମଧ୍ୟରୁ ଓଡ଼ିଶା ଭାଗରେ ଟ ୩୬,୦୦୦୲ ଟଙ୍କା ପଡ଼ିଅଛି । ତହିଁରୁ ଯେଉଁ ଜିଲ୍ଲାକୁ ଯେତେ ଦିଆ ଯାଇଅଛି ତାହା ନିମ୍ନେ ଲେଖାଗଲା ଯଥା—

| | |
|---|---|
| କଟକ | ଟ ୧୧,୪୦୦ |
| ବାଲେଶ୍ୱର | ଟ ୬,୦୦୦ |
| ଅନୁଗୁଳ | ଟ ୧୦୦୦ |
| ପୁରୀ | ଟ ୫,୬୦୦ |
| ଗଡ଼ଜାତ ମହାଲ | ଟ ୧୨,୦୦୦ |

ଏ ଟଙ୍କା କେବଳ ନିମ୍ନଶିକ୍ଷା ବିସ୍ତାର କାର୍ଯ୍ୟରେ ବ୍ୟୟ ହେବ ଅର୍ଥାତ୍ ଯେଉଁପରି ବିଦ୍ୟାଳୟ ଓ ଛାତ୍ରସଂଖ୍ୟା ଅଧିକ ହେବ ଏବଂ ଶିକ୍ଷକ ବା ଗୁରୁମାନେ ଅଧିକା ପୁରସ୍କାର ବା ବେତନ ପାଇ ନିୟମିତରୂପେ ଶିକ୍ଷା ବିସ୍ତାର କରିବାକୁ ଉତ୍ସାହିତ ହେବେ ତହିଁର ଉପାୟ କରିବାକୁ ହେବ । ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ହେଲେ ଇନସ୍ପେକ୍ଟିଂ ପଣ୍ଡିତ ଏବଂ ସବଇନସ୍ପେକ୍ଟରଙ୍କ ସଂଖ୍ୟା ବୃଦ୍ଧି ହେବା ଆବଶ୍ୟକ । ତହିଁର ବ୍ୟୟ ନିମନ୍ତେ ଗବର୍ଣ୍ଣମେଣ୍ଟ ଅଧିକା ଟଙ୍କା ମଞ୍ଜୁର କରିଅଛନ୍ତି ।

---

ସେ ଦିନ ଭାରତୀୟ ବ୍ୟବସ୍ଥାପକ ସଭାରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଦିଲ୍ଲୀ ଦରବାରର ଉଦ୍ଦେଶ୍ୟ ବ୍ୟୟ ଇତ୍ୟାଦି ସମ୍ବନ୍ଧରେ ଏକ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ । ତହିଁରୁ ଜଣାଗଲା ଯେ ମହାମାନ୍ୟ ମହୋଦୟଙ୍କର ଅନୁରୋଧମତେ ପ୍ରବଳ ପ୍ରତାପ ଏଡ୍‌ୱାର୍ଡ ୭ମ ସମ୍ରାଟ ଯାହାଙ୍କର ଶୁଭ ଅଭିଷେକ ଘୋଷଣାର୍ଥେ ଦିଲ୍ଲୀ ଦରବାର ହେଉଅଛି ସ୍ୱୟଂ ଉପସ୍ଥିତ ହେବା କାରଣ ଇଚ୍ଛା କରିଥିଲେ ମାତ୍ର ରାଜକୀୟ ଗୁରୁତର କାର୍ଯ୍ୟ ହେତୁ କୌଣସିମତେ ବିଲାତରୁ ଦୀର୍ଘକାଳ ଅନ୍ତର ହେବାର ସୁଯୋଗ ନ ଦେଖି ଆପଣାର ଭ୍ରାତା ମହାମାନ୍ୟ ଡ୍ୟୁକ୍ ଅବ୍ କନଟଙ୍କୁ ପ୍ରତିନିଧି ସ୍ୱରୂପ ପଠାଇବାକୁ ସ୍ଥିର କରିଅଛନ୍ତି । ତଦନୁସାରେ ଡ୍ୟୁକ୍ ଅବ୍ କନାଟ ମହୋଦୟ ସପତ୍ନୀକ ଦିଲ୍ଲୀ ଦରବାରରେ ଉପସ୍ଥିତ ହୋଇ ତହିଁର ସମସ୍ତ ବ୍ୟାପାରରେ ଯୋଗଦାନ କରିବେ । ଦରବାରର କେତେକ ମାସ ଉତ୍ତାରୁ ସମ୍ରାଟ ତନୟ ପ୍ରିନ୍ସ ଅବ୍ ଓଏଲ୍ସ ମହୋଦୟ ମଧ୍ୟ ଭାରତକୁ ଶୁଭାଗମନ କରିବାର ସ୍ଥିର ହୋଇଅଛି । ଯାହାହେଉ ସମ୍ରାଟ ମହୋଦୟ

Split by PDF Splitter
Digitized by srujanika@gmail.com

Split by PDF Splitter



ସ୍ୱୟଂ ଅସି ନ ପାର ନଜର ଭ୍ରାତାଙ୍କୁ ପଠାଉ ଅଛନ୍ତି ଏହା ସାମାନ୍ୟ ଅନନ୍ଦର ବିଷୟ ନୁହେଁ । ଏହା ତାହାଙ୍କର ଭାରତ ପ୍ରତି ପ୍ରଗାଢ଼ ମମତା ଏବଂ ସ୍ନେହର ନିଦର୍ଶନ ଅଟେ ଏବଂ ଏଥିରୁ ଅନେକ ମଙ୍ଗଳର ଅଶା କେଉଅଛୁ ।

———

ଅତ୍ୟନ୍ତ ଦୁଃଖରେ ପ୍ରକାଶ କରୁଅଛୁଁ କି ଓଡ଼ିଶା ବାପ୍ଟିଷ୍ଟ ମିସନ ବା ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର ଦଳର ପ୍ରଧାନ ପାଦ୍ରି ବେଲି ସାହେବ ଗତ ତା ୪ ଋଖ ଗତ ୧୦ ଘଣ୍ଟା ବେଳେ ସ୍ୱର୍ଗାରୋହଣ କଲେ । ତହିଁ ଅପରଦିନ ଅପରାହ୍ଣରେ ତାହାଙ୍କର ଶବ ସତ୍କାର କାର୍ଯ୍ୟ ତୁଳସୀପୁର ଗୋରସ୍ତାନର ସ୍ଥାନରେ ତାହାଙ୍କ ଭାର୍ଯ୍ୟାର କବର ପାର୍ଶ୍ୱରେ ଯଥା ସମାରୋହରେ ସମାଧା ହେଲା, ନଗର ଖ୍ରୀଷ୍ଟିୟାନଙ୍କ ସହିତ ଅନ୍ୟ ଧର୍ମାବଲମ୍ବୀ ଅନେକ ଭଦ୍ରଲୋକ କବରସ୍ଥାନରେ ସମବେତ ହୋଇ ଯଥୋଚିତ ସମ୍ମାନ ଦେଖାଇଥିଲେ । ପାଦ୍ରି ବେଲି ସାହେବ ସନ ୧୮୬୧ ସାଲରେ ଏ ଦେଶକୁ ଆସି ଧର୍ମ ପ୍ରଚାର କାର୍ଯ୍ୟରେ ଗଞ୍ଜାମ ବରହମପୁର, ରସୁଲକୁଣ୍ଡା, ପିପିଲିରେ କେତେକ କାଳ କଟାଇ ଶେଷ କେତେକ ବର୍ଷ ହେଲା ଏ ନଗରରେ ସ୍ଥାୟୀରୂପେ ରହିଥିଲେ । ତାହାଙ୍କର ବୟସ ୭୨ ବର୍ଷ ହୋଇଥିଲା ଏବଂ ୪୦ ବର୍ଷ ଉତ୍କଳରେ ରହି ଏଠା ଲୋକଙ୍କର ରୀତିନୀତି ଏବଂ ଅବସ୍ଥା ଯେମନ୍ତ ଉତ୍ତମରୂପେ ଅବଗତ ହୋଇଥିଲେ ତେମନ୍ତ ନିଜର ସରଳ ସ୍ୱଭାବ ସୌଜନ୍ୟତା ନିଷ୍କାପଟ ଏବଂ ଯୋଗ୍ୟତା ପ୍ରଭୃତି ସଦ୍‌ଗୁଣଦ୍ୱାରା ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ । ନିଜର କାର୍ଯ୍ୟ ଉପରେ ସାଧାରଣ କାର୍ଯ୍ୟରେ ଯୋଗ ଦେବାକୁ ତ୍ରୁଟି କରୁ ନ ଥିଲେ ଏବଂ ନାନା ସଭାସମିତିରେ ତାହାଙ୍କର ମୂଲ୍ୟବାନ ପରାମର୍ଶ ଲୋଡ଼ା ହେଉଥିଲା । ଏଠା ଲୋକାଲ ବୋର୍ଡର ସେ ଜଣେ ସୁଦକ୍ଷ ମେମ୍ବର ଥିଲେ । ଈଶ୍ୱର ତାହାଙ୍କର ପାରଲୌକିକ ମଙ୍ଗଳ ବିଧାନ କରନ୍ତୁ ।

———

## ବିଶ୍ୱବିଦ୍ୟାଳୟ କମିଶନ ପ୍ରତିବାଦ ସଭା ।

କମିଶନ ରିପୋର୍ଟ ସମ୍ବନ୍ଧରେ କଲିକତା ଟାଉନ ହଲରେ ଏକ ବିରାଟ ସଭା ହୋଇଥିଲା । ଶ୍ରୀଯୁକ୍ତ ରାଜା ପ୍ୟାରିମୋହନ ମୁଖୋପାଧ୍ୟାୟ ମହାଶୟ ସଭାପତିର ଅସନ ଗ୍ରହଣ କରିଥିଲେ । ସଭାରେ ନିମ୍ନ ଲିଖିତ ପ୍ରସ୍ତାବ ସମୂହ ଗୃହୀତ ହୋଇଥିଲା ।

୧ ବିଶ୍ୱବିଦ୍ୟାଳୟର କମିଶନ ବର୍ତ୍ତମାନ ଶିକ୍ଷା ପ୍ରଣାଳୀ ଯେଉଁ ଭାବରେ ସଂସ୍କାର କରିବାକୁ ପରାମର୍ଶ ଦେଇଅଛନ୍ତି ତଦ୍ୱାରା ବିଶେଷ ଅଶଙ୍କାର କାରଣ ହୋଇଅଛି । ଏତଦ୍ୱାରା ଉଚ୍ଚ ଶିକ୍ଷାର ବ୍ୟାଘାତ ହେବ, ସେଥିର ପ୍ରସାର କମିଯିବ, ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର ଉଚ୍ଚ ଶିକ୍ଷା ଲାଭର ସୁବିଧା ଘୁଞ୍ଚିଯିବ, ସମାଜରେ ଶିକ୍ଷାର ପ୍ରଭାବ ଏବଂ ନୈତିକ ବଳର ହ୍ରାସ ହେବ । ସନ ୧୮୮୨ ସାଲର ଶିକ୍ଷା କମିଶନ ଶିକ୍ଷାଦାନ ସମ୍ବନ୍ଧରେ ଯଥେଷ୍ଟ ପୋଷକତା କରିଥିଲେ ମାତ୍ର ବର୍ତ୍ତମାନ୍ ରିପୋର୍ଟରେ ଶିକ୍ଷାଦାନର ପଥ ସଙ୍କୁଚିତ କରି ଦେବାର ପ୍ରସ୍ତାବ ହୋଇଅଛି ।

୨ । ସନ ୧୮୫୪ ସାଲର ଶିକ୍ଷା ସମ୍ବନ୍ଧୀୟ ପତ୍ରରେ, ସନ ୧୮୮୨ ସାଲର ଶିକ୍ଷା କମିଶନ ମନ୍ତବ୍ୟରେ ଏବଂ ଗତ ୫୦ ବର୍ଷରୁ ଅଧିକକାଳ ପ୍ରବର୍ତ୍ତିତ ଭାରତ ଗବର୍ଣ୍ଣମେଣ୍ଟଙ୍କ ଶିକ୍ଷା ନୀତିଦ୍ୱାରା ଏତଦ୍ଦେଶର ଶିକ୍ଷା ବିସ୍ତାରର ଆନୁକୂଲ୍ୟ ଅଛି ମାତ୍ର ବର୍ତ୍ତମାନ କମିଶନର ଅଭିମତ ପ୍ରତିକୂଳ ।

ସଭା ମନେକରେ ବର୍ତ୍ତମାନ୍ କମିଶନର ମନ୍ତବ୍ୟ କାର୍ଯ୍ୟରେ ପରିଣତ କଲେ ୨ୟ ଶ୍ରେଣୀର ବେସରକାରୀ କଲେଜ ସମୂହ ଉଠିଯିବ, ବେସରକାରୀ ପ୍ରଥମ ଶ୍ରେଣୀର କଲେଜ ସମୂହ ଅସ୍ଥିର ବାଟ ସଙ୍କୀର୍ଣ୍ଣ ହେବାଦ୍ୱାରା ସେହିପରି ଦଶାକୁ ପ୍ରାପ୍ତ ହେବ ଏବଂ ଉଚ୍ଚଶିକ୍ଷାର ବାଧା ହେତୁ ସାଧାରଣ ଲୋକର ଉତ୍କୃଷ୍ଟ ସ୍ୱାର୍ଥରେ ବ୍ୟାଘାତ ଘଟିବ ।

୩ । ବିଶ୍ୱବିଦ୍ୟାଳୟ ସରକାରୀ ଶାସନର ଅନ୍ତର୍ଗତ ହେବାଦ୍ୱାରା ସରକାରର ଗୋଟିଏ ବିଭାଗ ହେବାର ବ୍ୟବସ୍ଥା ହେତୁ ବିଶ୍ୱବିଦ୍ୟାଳୟ ପ୍ରତି ସାଧାରଣ ସ୍ନେହ ଭାବ ଘୁଞ୍ଚିଯିବାର ସମ୍ଭାବନା । ଫେଲୋ ନିର୍ବାଚନ ନିର୍ଦ୍ଦିଷ୍ଟ କାଳ ପାଇଁ ଓ ଅଧିକାଂଶ ଫେଲୋ ସରକାର ତରଫ୍ ନିଯୋଗ ହେତୁ ସିନେଟ ସଭାର ସ୍ୱାଧୀନତା କମିଯାଇ ପାରବ ।

୪ ମାନନୀୟ ବିଚାରପତି ଶ୍ରୀଯୁକ୍ତ ଗୁରୁଦାସ ଚଟ୍ଟୋପାଧ୍ୟାୟ ଯେଉଁ ବିଷୟରେ ଅନ୍ୟ କମିଶନ ସଦ୍ୟ ସହିତ ଅମତ ହୋଇ ଯେଉଁ ରିପୋର୍ଟ ଲେଖିଅଛନ୍ତି ସେଥିରେ ଏହି ସଭା ଏକମତ ପ୍ରକାଶ କରନ୍ତି ଓ ଏହି ସଭା କମିଶନ ପ୍ରସ୍ତାବର ନିମ୍ନଲିଖିତ କେତେକଗୋଟି ମନ୍ତବ୍ୟ ବିଶେଷ ଆପତ୍ତିଜନକ ବିବେଚନା କରନ୍ତି, ଯଥା —

୧ । ସିଣ୍ଡିକେଟ କର୍ତ୍ତୃକ ବେତନର ନ୍ୟୂନତାର ନିର୍ଦ୍ଧାରଣ

୨ । ୨ୟ ଶ୍ରେଣୀ କଲେଜ ଏଫ ଏ ପର୍ଯ୍ୟନ୍ତ ପଢ଼ାଇବା ପାଇଁ ବ୍ୟବସ୍ଥା କରି ନ ପାରିଲେ ଉଠିଯିବ ।

୩ । ଗୋଟିଏ ସେଣ୍ଟ୍ରାଲ ଅଇନ କଲେଜ ସ୍ଥାପନ ଓ ଅନ୍ୟାନ୍ୟ ଅଇନ କଲେଜ ଉଠିଯିବ ।

୪ । ଏଣ୍ଟ୍ରାନ୍ସ ପାସ କଲେ ସରକାରୀ କାର୍ଯ୍ୟରେ ନିଯୁକ୍ତ ହେବାର ଯୋଗ୍ୟ ବିଚାର ହେବ ନାହିଁ ଓ ଏଣ୍ଟ୍ରେନ୍ସ ପରୀକ୍ଷା ଦେବାର ଅନୁମତି ପାଇବା ପୂର୍ବରେ ପରୀକ୍ଷାର୍ଥୀଙ୍କୁ ସ୍କୁଲର ଶେଷ ପରୀକ୍ଷାରେ କୌଣସି ଏକଗୋଟି ବିଷୟରେ ଉତ୍ତୀର୍ଣ୍ଣ ହେବାକୁ ବାଧ୍ୟ ।

୫ । କୌଣସି କଲେଜକୁ ବିଶ୍ୱବିଦ୍ୟାଳୟର ବହିର୍ଭୂକ୍ତ ଏବଂ ଅନ୍ତର୍ଭୂକ୍ତ କରିବା ସମ୍ବନ୍ଧରେ ସିନେଟ ସଭାର କ୍ଷମତା କମ କରିବା ।

୬ । ଉପରୋକ୍ତ ପ୍ରସ୍ତାବ ସମୂହ ସଭାପତିଙ୍କ ସ୍ୱାକ୍ଷରରେ ଭାରତର ବଡ଼ଲାଟ ସାହେବଙ୍କ ନିକଟକୁ ପ୍ରେରିତ ହେଉ

୭ । ଗୋଟିଏ କାର୍ଯ୍ୟକାରୀ ସମିତି ସ୍ଥାପିତ ହେଉ ।

ଏହିପରି ପ୍ରତିବାଦ କଲିକତାର ସେଣ୍ଟ୍ରାଲ ମହମ୍ମଦୀୟ ସଭା, ବିଶ୍ୱବିଦ୍ୟାଳୟର ଉପାଧିଧାରୀଙ୍କ ସଭା ଏବଂ ଡାକ୍ତର ସରକାରଙ୍କର ବୈଜ୍ଞାନିକ ସଭାରୁ ହୋଇଅଛି ଏବଂ ମୋଫସଲର କେତେ ସ୍ଥାନର ଲୋକମାନେ ସଭା କରି ପ୍ରତିବାଦ କରୁଅଛନ୍ତି । ମାନ୍ଦ୍ରାଜର ମହାଜନସଭା ମଧ୍ୟ ପ୍ରତିବାଦ କରିବା କାରଣ ପ୍ରସ୍ତୁତ ହେଉଅଛନ୍ତି । ଏଥିରୁ ଦେଖାଯାଏ ଯେ ବିଶ୍ୱବିଦ୍ୟାଳୟ ସମିତିର କେତେ ଗୁଡ଼ାଏ ପ୍ରସ୍ତାବରେ ସର୍ବସାଧାରଣ ନିତାନ୍ତ ଅସନ୍ତୁଷ୍ଟ ଏବଂ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କୁ ତାହା ଜଣାଇବାକୁ ଯଥୋଚିତ ତତ୍ପର ହୋଇଅଛନ୍ତି । ନ୍ୟାୟ ପରାୟଣ ମହାମାନ୍ୟ ଲର୍ଡ କର୍ଜନ ବାହାଦୂର ତହିଁରେ କର୍ଣ୍ଣପାତ ନ କରି ଉଚ୍ଚ ଶିକ୍ଷାର ବାଧାଜନକ ବ୍ୟବସ୍ଥା କରିବେ ଏହା କେବେହେଲେ ମନକୁ ଆସୁ ନାହିଁ । ଏହି ବିଶ୍ୱାସ ଉପରେ ନିର୍ଭର କରି ସମସ୍ତେ ଦୁଃଖ ଜଣାଉଅଛନ୍ତି । ଅଶା କରୁଅଛୁ ସେ ସୁବିଚାର କରି ଜନସାଧାରଣଙ୍କର କୃତଜ୍ଞତା ଭାଜନ ହେବେ ।

———

## ବାଲେଶ୍ୱର ଜିଲ୍ଲାସ୍କୁଲର ପୁରସ୍କାର ବିତରଣ ।

ଗତମାସ ତା ୪ ଋଖ ଗୁରୁବାର ସକାଳ ଘ ୭ ଘଣ୍ଟା ସମୟରେ ବାଲେଶ୍ୱରଜିଲ୍ଲା ସ୍କୁଲର ଛାତ୍ରମାନଙ୍କ ବାର୍ଷିକ ପୁରସ୍କାର ବିତରଣ ଉପଲକ୍ଷରେ ଉକ୍ତ ସ୍କୁଲଗୃହରେ ସଭା ହୋଇଥିଲା । ଘରଟି ଫୁଲ ପତ୍ରାଦିରେ ସୁସଜ୍ଜିତ ଏବଂ ସରକାରୀ ଓ ବେସରକାରୀ ଭଦ୍ରବ୍ୟକ୍ତିମାନଙ୍କଦ୍ୱାରା ପରିପୂର୍ଣ୍ଣ ହୋଇଥିଲା । ଓଡ଼ିଶାର ଶ୍ରଦ୍ଧାସ୍ପଦ କମିଶନର ମାନ୍ୟବର ଶ୍ରୀଯୁକ୍ତ କେ, ଜି, ଗୁପ୍ତ ସଭାପତିର ଅସନ ଗ୍ରହଣ କରିଥିଲେ । ପ୍ରଥମେ ହାରମୋନିୟମ ବାଜା ସହିତ ଗୋଟିଏ ବଙ୍ଗଳା ସଙ୍ଗୀତ

Digitized by srujanika@gmail.com

Split by PDF Splitter



ହେଲାରୁ ହେଡ୍‌ମାଷ୍ଟର ମହାଶୟ ବାର୍ଷିକରିପୋର୍ଟ ପାଠ କଲେ । ତହିଁରୁ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଜଣାଗଲା ଯେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଫୁଟବଲଖେଳ ନିମନ୍ତେ ଗୁରୁପ୍ରସାଦେବଙ୍କ ନାମରେ ଗୋଟିଏ ପୁରସ୍କାର ସ୍ଥାପନ କରିଅଛନ୍ତି । ରିପୋର୍ଟ ପାଠାନ୍ତେ କେତେଜଣ ଛାତ୍ର ଇଂରାଜୀ, ସଂସ୍କୃତ, ବଙ୍ଗଳା ଏବଂ ପାରସ୍ୟ କବିତା ଆବୃତ୍ତି କଲେ ଯେ ତହିଁମଧ୍ୟରୁ ଇଂରାଜୀ ଛଡ଼ା ଆଉ ସମସ୍ତ କବିତା ଏହି ଉତ୍ସବ ଉପଲକ୍ଷରେ ରଚିତ ହୋଇଥିଲା । ମାତ୍ର ଦୁଃଖର ବିଷୟ ଯେ ଓଡ଼ିୟ ଭାଷାରେ କେହି କିଛି ସଭାପତି ମହାଶୟଙ୍କ ନାମରେ ରଚନା କରି ଶୁଣାଇବା ପ୍ରତି ମନୋଯୋଗୀ ହୋଇ ନ ଥିଲେ । ଅନନ୍ତର ଯଥାବିଧିରେ ପାରିତୋଷିକ ବିତରଣ କରି ସଭାପତି ମହୋଦୟ ଇଂରାଜୀଭାଷାରେ ଗୋଟିଏ ମନୋହର ବକ୍ତୃତା ପ୍ରଦାନ କଲେ । ତହିଁର ସଂକ୍ଷେପ ମର୍ମ ଅମ୍ଭେମାନେ ଏହିପରି ଅବଗତ ହୋଇଅଛୁଁ କି ସେ ଆଦ୍ୟରେ ତାହାଙ୍କୁ ସଭାପତି ସ୍ୱରୂପ ଏହି ଶୁଭକାର୍ଯ୍ୟ ସମ୍ପାଦନାର୍ଥେ ଆହ୍ୱାନ କରିବା ହେତୁ ସେ ସଭାକୁ ଧନ୍ୟବାଦ ଦେଇ କହିଲେ କି ସରକାରୀ କାର୍ଯ୍ୟୋପଲକ୍ଷରେ ତାହାଙ୍କୁ ନାନା କାର୍ଯ୍ୟ କରିବାକୁ ହୁଏ । ମାତ୍ର ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ତାହାଙ୍କର ସମଧିକ ପ୍ରୀତି ଏବଂ ତହିଁର ଉନ୍ନତିର କିଞ୍ଚିତ ସାହାଯ୍ୟ କରିପାରିଲେ ସେ ବଡ଼ ଖୁସି ହୁଅନ୍ତି । ବାର୍ଷିକ ରିପୋର୍ଟ ଅତ୍ୟନ୍ତ ସନ୍ତୋଷଜନକ ଥିବାର ପ୍ରକାଶକରି ସେ କହିଲେ କି ଏହି ସ୍କୁଲର ଏକମାତ୍ର ଅଭାବ ଗୋଟିଏ ଛାତ୍ରାବାସ ଅଟେ । ଇଉରୋପର ଆଧୁନିକ ସ୍କୁଲ ଏବଂ ଏ ଦେଶର ପୂର୍ବକାଳର ଟୋଲମାନଙ୍କର ଉଦାହରଣ ଦେଇ ଛାତ୍ରମାନଙ୍କର ଶାରୀରିକ ଏବଂ ମାନସିକ ବଳ ସାଧନାର୍ଥେ ଛାତ୍ରାବାସର ଉପକାରିତା ବର୍ଣ୍ଣନା କରି ସେ କହିଲେ କି ତାହାଙ୍କର ରାଜା ବୈକୁଣ୍ଠନାଥ ଦେ ବାହାଦୁର ବାବୁ ରାଜନାରାୟଣ ଦାସ ଏବଂ ବାବୁ ରାଧାଚରଣ ଦାସ ଶ୍ରୀଯୁକ୍ତ ସ୍ୱାଭାବିକ ବଦାନ୍ୟତାଦ୍ୱାରା ଉକ୍ତ ଅଭାବ ଦୂର କରିବେ । ଅନନ୍ତର ପୁରସ୍କାରଦାତାମାନଙ୍କୁ ଧନ୍ୟବାଦ ଦେଇ ଉକିଲଙ୍କ ମଧ୍ୟରେ ଏକଜଣ ( ଖାଁ ଅବଦୁଲ ସୋଭାନ ଖାନ ) ଛଡ଼ା ଆଉ କାହାର ନାମ ଦାତାମାନଙ୍କ ତାଲିକାରେ ନ ଦେଖି ଦୁଃଖିତ ହେଲେ । ଶିକ୍ଷାଦ୍ୱାରା ଉକିଲମାନେ ପ୍ରଚୁର ଲାଭବାନ୍ ହୋଇଥିବାରୁ ସେ ଆଶା କଲେ କି ତାହା ପରିଶୋଧ ନିମନ୍ତେ ସେମାନଙ୍କର ଅଗ୍ରସର ହେବା କର୍ତ୍ତବ୍ୟ । ତହିଁଉତ୍ତାରୁ ମୁସଲମାନମାନଙ୍କର ଶିକ୍ଷାପ୍ରସଙ୍ଗରେ କହିଲେ କି ମୁସଲମାନମାନେ ଶିକ୍ଷା ବିଷୟରେ ପଶ୍ଚାତ୍‌ପଦ ହୋଇ ରହିଥିବା ଦୁଃଖର । ମାତ୍ର ଏଠାରେ ସେ ଦେଖୁଅଛନ୍ତି ହିନ୍ଦୁ ଓ ମୁସଲମାନ ସମାନଭାବରେ ଶିକ୍ଷାପ୍ରତି ମନୋଯୋଗୀ ଅଛନ୍ତି ଏବଂ ଜନସଂଖ୍ୟା ଦୃଷ୍ଟିରେ ଏଠାରେ ମୁସଲମାନମାନଙ୍କର ଶତକରା ଅନ୍ୟାନ୍ୟ ଜିଲ୍ଲାଠାରୁ ସରସ ଅଟେ । ପରିଶେଷରେ ଛାତ୍ରମାନଙ୍କୁ ସମ୍ବୋଧନ ପୂର୍ବକ ବିଦ୍ୟାର ଗୌରବ ବ୍ୟାଖ୍ୟା କରି କହିଲେ କି ପ୍ରାଚୀନକାଳରେ ବିଦ୍ୟା ବ୍ରାହ୍ମଣମାନଙ୍କର ଏକଚାଟିଆ ଥିଲା । ରାଜାମାନେ ନାମମାତ୍ର ଶାସନକର୍ତ୍ତା ଥିଲେ ମାତ୍ର ବ୍ରାହ୍ମଣମାନେ ପ୍ରକୃତରେ ରାଜ୍ୟ ଶାସନ କରୁଥିଲେ । ବର୍ତ୍ତମାନ୍ ଗବର୍ଣ୍ଣମେଣ୍ଟ ସକଳ ଜାତି ଓ ସମ୍ପ୍ରଦାୟର ଲୋକଙ୍କୁ ସମାନ ଭାବରେ ବିଦ୍ୟାଦାନ ଦେଉଅଛନ୍ତି ଏବଂ ସେହି ବିଦ୍ୟା ଶିକ୍ଷା ବଳରେ ସେମାନେ ଏତେ ଉଚ୍ଚପଦ ଲଭିଅଛନ୍ତି । ଏଠାରେ ସେ 'ବିଦ୍ୱତ୍ୱଞ୍ଚ ନୃପତ୍ୱଞ୍ଚ' ଇତ୍ୟାଦି ଗୁଣଦ୍ୱୟର ବିଖ୍ୟାତ ଶ୍ଲୋକ ଉଲ୍ଲେଖଦ୍ୱାରା ବିଦ୍ୟାର ମହତ୍ତ୍ୱ ଛାତ୍ରମାନଙ୍କ ହୃଦୟଙ୍ଗମ କରାଇ କହିଲେ କି ସୁନୀତିହୀନା ବିଦ୍ୟା ନିରାପଦ ନୁହେଁ । କାରଣ ମୂର୍ଖଠାରୁ ବିଦ୍ୱାନ୍ ଦୁର୍ଜନ ଅଧିକତର ଭୟଙ୍କର ଅଟେ । ଅତଏବ ସଦାଚାର ଅଭ୍ୟାସ ପ୍ରତି ଅତ୍ୟନ୍ତ ମନୋଯୋଗୀ ହେବା କାରଣ ଛାତ୍ରମାନଙ୍କୁ ଏକାନ୍ତ ଅନୁରୋଧ କରି ବକ୍ତୃତା ଶେଷ କଲେ । ପରିଶେଷରେ ରାଜା ବାହାଦୁରଙ୍କର ପ୍ରସ୍ତାବମତେ, ଆନନ୍ଦଧ୍ୱନିରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ତଦନନ୍ତର ଛାତ୍ରମାନଙ୍କର ଖେଳ ଦେଖି ଏବଂ ୭ ଦିନ ଛୁଟି ଦେଇ ମାନ୍ୟବର କମିଶନର ସାହେବ ସେଠାରୁ ପ୍ରସ୍ଥାନ କଲେ ।

---

## ଭାରତରେ ଅଭିଷେକୋତ୍ସବ ।

ପ୍ରବଳପ୍ରତାପ ଭାରତ ସମ୍ରାଟ ରାଜା ଏଡ଼ୱାର୍ଡ଼ ୭ମ ଏବଂ ରାଣୀ ଏଲେକଜେଣ୍ଡ୍ରାଙ୍କର ଶୁଭ ଅଭିଷେକୋତ୍ସବ ଭାରତରେ ଯେଉଁରୂପେ ସମ୍ପାଦନ ହେବ ତହିଁର ସଂକ୍ଷେପ ସମ୍ବାଦ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ସେ ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ଯେଉଁ ନିର୍ଦ୍ଧାରଣପତ୍ର ବାହାରିଅଛି ତହିଁର ବିସ୍ତାରିତ ବିବରଣ ଅଦ୍ୟ ନିମ୍ନେ ପ୍ରକାଶ କଲୁଁ ଯଥା:—

ଗତ ଫେବୃଆରୀ ମାସ ତା ୧୪ ରିଖର ଘୋଷଣାପତ୍ରାନୁସାରେ ଦିଲ୍ଲୀଠାରେ ଆସନ୍ତା ଜାନୁଆରୀ ମାସ ତା ୧ ରିଖରେ ସାମ୍ରାଟିକ ଅଭିଷେକ ଦରବାର ଅଥବା ରାଜସୂୟ ଯଜ୍ଞ ହେବ ଏବଂ ତହିଁ ଉତ୍ତାରୁ ଉକ୍ତ ମାସ ତା ୧୦ ରିଖରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସେଠାରୁ ଯାତ୍ରା କରିବା ପର୍ଯ୍ୟନ୍ତ ପ୍ରତିଦିନ ନାନାବିଧ ସାଧାରଣ କାର୍ଯ୍ୟ ଅନୁଷ୍ଠିତ ହେବ । ଦିଲ୍ଲୀଠାରେ ସେ ସମୟରେ ମହାମାନ୍ୟ ମହୋଦୟ ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ମେମ୍ବରମାନେ ଉପସ୍ଥିତ ନ ଥିବେ । ସୁତରାଂ ସେମାନେ ପ୍ରତ୍ୟାଗମନ କଲା ଉତ୍ତାରୁ ଜାନୁଆରୀ ମାସ ଶେଷ ସପ୍ତାହରେ ଏକଦିନ କଲିକତାରେ ଉକ୍ତ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ । ଭାରତର ଅନ୍ୟ ସମସ୍ତ ସ୍ଥାନରେ ଆସନ୍ତା ଜାନୁଆରୀ ମାସ ତା ୧ ରିଖରେ ସେହି ଶୁଭକାର୍ଯ୍ୟ ସମାରୋହ ସହିତ ସମ୍ପନ୍ନ ହେବ । ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ଇଚ୍ଛା ଯେ ସେ ଦିନ ମଧ୍ୟାହ୍ନ କାଳରେ ଅଥବା ମୁସଲମାନଙ୍କର ଇଦ୍ ପର୍ବ ସେ ଦିନ ପଡ଼ିଲେ ଅପରାହ୍ନରେ ପ୍ରତ୍ୟେକ ପ୍ରଦେଶ ଏବଂ ଜିଲ୍ଲାର ସଦର ସ୍ଥାନରେ ଜନସାଧାରଣଙ୍କର ସମ୍ମୁଖରେ ରାଜକୀୟ ଘୋଷଣା ପତ୍ର ଇଂରାଜୀ ଏବଂ ସ୍ଥାନୀୟ ଭାଷାରେ ଉପସ୍ଥିତ ଥିବା ସ୍ଥାନୀୟ ଜ୍ୟେଷ୍ଠ ସିଭିଲ କର୍ମଚାରୀଙ୍କଦ୍ୱାରା ପଠିତ ହେବ ଏବଂ ଯେଉଁଠାରେ ସୁବିଧା ହେଲେ ଗୋ ୧୦୧ଟା ସଲାମି ତୋପ ଫାୟାର ହେବ । ଯେଉଁଠାରେ ଦରବାର ହୋଇ ପାରିବ ସେଠାରେ ଦରବାରରେ ଉକ୍ତ ଘୋଷଣା ପତ୍ର ପଢ଼ାଯିବ ଏବଂ ସମ୍ରାଟ ଅଥବା ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ପ୍ରଦତ୍ତ ସ୍ଥାନୀୟ ଉପାଧିମାନ ପ୍ରକାଶ କରି ଦିଆଯିବ ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ପ୍ରଦତ୍ତ ସାର୍ଟିଫିକ୍ଟ ମାନ ବଣ୍ଟାଯିବ । ସନ୍ଧ୍ୟା ସମୟରେ ଜେଲ ଓ ଅଦାଲତ କଚେରୀ ଘର ଏବଂ ଡାକ-ଘର ଚିଠି ଡାକଘରମାନଙ୍କରେ ରୋସନାଇ ହେବ ଏବଂ ସ୍ଥାନୀୟ ସମିତିମାନେ ଆପଣା କାର୍ଯ୍ୟାଳୟରେ ରୋସନାଇ କରିବେ । ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ବିଶେଷ ଇଚ୍ଛା ଯେ ଏହି ଉତ୍ସବ ଯଥାସାଧ୍ୟ ସାଧାରଣ ହେବ, ଗରିବମାନେ ତହିଁରେ ଯୋଗ ଦେଇ ପାରିବେ ଏବଂ ସ୍କୁଲ ପିଲାମାନଙ୍କୁ ଆମୋଦ ପ୍ରଦାନଦ୍ୱାରା ଦେଶର ସକଳ ସମ୍ପ୍ରଦାୟର ଯୁବାଙ୍କ ମନରେ ତାହା ମୁଦ୍ରିତ କରିବାକୁ ହେବ । ଅତଏବ ସେହି ଜାନୁଆରୀ ମାସ ତା ୧ ରିଖରେ ଯେବେ ପ୍ରତ୍ୟେକ ଜିଲ୍ଲା ସବଡିଭିଜନ, ତହସିଲ ଏବଂ ତାଲୁକର ସଦର ସ୍ଥାନରେ ଏବଂ ଅନ୍ୟାନ୍ୟ ସ୍ଥାନରେ ଯେବେ ଦରିଦ୍ରମାନଙ୍କୁ ଭୋଜନ ଏବଂ ସ୍କୁଲ ପିଲାମାନଙ୍କର ବାଜିଲୀଳା ହେବ ତେବେ ମହାମାନ୍ୟ ମହୋଦୟ ବଡ଼ ଆନନ୍ଦିତ ହେବେ । ଏ ସମସ୍ତ ଶୁଭାନୁଷ୍ଠାନର ବ୍ୟୟ ସ୍ଥାନୀୟ ସମିତି ଏବଂ ବଦାନ୍ୟ ବ୍ୟକ୍ତିବିଶେଷମାନେ ଯୋଗାଇବେ ଏବଂ ମହାମାନ୍ୟ ମହୋଦୟଙ୍କ ବିବେଚନାରେ ସେମାନେ ଜନସାଧାରଣଙ୍କୁ ଆତସବାଜି ଦେଖାଇବା, ଦରିଦ୍ରମାନଙ୍କୁ ଭୋଜନ ଦେବା ଏବଂ ସ୍କୁଲପିଲାମାନଙ୍କର ବାଜିଲୀଳା କରିବାଦ୍ୱାରା ଯେମନ୍ତ ପରିପାଟିରୂପେ ରାଜଭକ୍ତିର ପରିଚୟ ଦେବେ ଅନ୍ୟ କୌଣସି ଅନୁଷ୍ଠାନଦ୍ୱାରା ତହିଁରୁ ଅଧିକ ଦେଇ ପାରିବେ ନାହିଁ ।

Digitized by srujanika@gmail.com

Split by PDF Splitter



ଜାନୁଆରୀ ମାସ ତା ୧ ଋଖ ଏବଂ ତହିଁ ପୂର୍ବ ପାଞ୍ଚଦିନ ଅଭ୍ୟାସାନୁସାରେ କଚେରୀ ବନ୍ଦ ହେବ । ଏଥି ଉପରେ ଅଧିକ କଚେରୀ ବନ୍ଦ ହେଲେ କାର୍ଯ୍ୟର ବିଶୃଙ୍ଖଳା ଏବଂ ବଣିକ ସମ୍ପ୍ରଦାୟର ଭାରି ଅସୁବିଧା ହେବ । ଅତଏବ ଅଧିକ ଅଧିବନ୍ଦ କଚେରୀ ବନ୍ଦର ବିଜ୍ଞାପନ ଦିଆ ଯାଇ ନ ପାରେ । ମାତ୍ର ନିତାନ୍ତ ଆବଶ୍ୟକୀୟ ଏବଂ ବାଣିଜ୍ୟ ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଯେ ସବୁ ମହକୁମା ବନ୍ଦ ହେଲେ ଚଳିବ ନାହିଁ ସେ ସମସ୍ତ ଛଡ଼ା ଅନ୍ୟ କଚେରୀ ଓ ମହକୁମାମାନ ଜାନୁଆରି ତା ୨ ଋଖଠାରୁ ତା ୮ ଋଖ ପର୍ଯ୍ୟନ୍ତ ବନ୍ଦ ହେବ । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ନିଜ ନିଜ ଅଧୀନସ୍ଥ କଚେରୀ ବନ୍ଦର ପୃଥକ୍ ବିଜ୍ଞାପନ ଦେବେ ।

ସ୍ଥାନୀୟ ଦରବାରରେ ବଣ୍ଟାଯିବା ସାର୍ଟିଫିକ୍ ସମ୍ବନ୍ଧରେ ଏହି ଆଦେଶ ହୋଇଅଛି ଯେ ସ୍ୱର୍ଗୀୟା ଭିକ୍ଟୋରିୟାଙ୍କର ଭାରତେଶ୍ୱରୀ ପଦ ଘୋଷଣା ସମୟରେ ପୁଣି ତାହାଙ୍କର ଜୁବିଲି ସମୟରେ ଯେଉଁପରି ସାର୍ଟିଫିକ୍ ଦିଆଯାଇଥିଲା ଏଥର ସେହି ପରି ହେବ ଏବଂ ଯେଉଁମାନେ ସରକାରଙ୍କ ଦ୍ୱାରା ଉଚିତ ବା ଯୋଗ୍ୟ ସାଧାରଣ ପ୍ରଶଂସନୀୟ କାର୍ଯ୍ୟ କରିଅଛନ୍ତି କେବଳ ସେହିମାନଙ୍କୁ ଏମନ୍ତ ବାଛି ଦିଆଯିବ ଯେମନ୍ତ କି ସେ ସବୁ ଯଥୋଚିତ ମୂଲ୍ୟବାନ୍ ହେବ ।

ଉପରଲିଖିତ ଆଦେଶରୁ ପ୍ରକାଶ ଯେ ଜିଲ୍ଲାର ସଦର ସ୍ଥାନରେ ଦିନବେଳେ ଦରବାର ଓ ସନ୍ଧ୍ୟାବେଳେ ରୋଷଣାଇ ହେବ ଓ ଅନ୍ୟାନ୍ୟ ଉତ୍ସବମାନ ଅନ୍ୟାନ୍ୟ ଦିନରେ ହୋଇ ପାରେ । ତହିଁ ନିମନ୍ତେ ଦୀର୍ଘକାଳ ଅର୍ଥାତ୍ ଦ ୧୫ ନ ଛୁଟିର ବ୍ୟବସ୍ଥା ହୋଇଅଛି । ମାତ୍ର ସବଡିଭିଜନାଦିର ସଦର ସ୍ଥାନରେ ଏବଂ ଅନ୍ୟେକେ ଏମନ୍ତ କି ପ୍ରତି ବଡ଼ ବଡ଼ ଗ୍ରାମରେ କାଙ୍ଗାଳି ଭୋଜନ ଏବଂ ରୋଷନାଇ ସେହି ଜାନୁଆରୀ ମାସ ତା ୧ ଋଖରେ ହେଲେ ଗବର୍ଣ୍ଣମେଣ୍ଟ ଆନନ୍ଦିତ ହେବେ । ଆମ୍ଭେମାନେ ଏହାନ୍ତ ଆଶା କରୁଁ କି ଏହି ଗ୍ରାମରେ ଉକ୍ତମାସ ତା ୧ ଋଖରେ ଅଭିଷେକ ଉପଲକ୍ଷରେ ଯେମନ୍ତ ଉତ୍ସବ ହୋଇଥିଲା ଅନେକ ସଙ୍ଗତିପନ୍ନ ଗ୍ରାମରେ ସାଧାରଣ ଲୋକଦ୍ୱାରା ଅର୍ଥ ସଂଗ୍ରହ ପୂର୍ବକ ମହୋତ୍ସବ ସଂକୀର୍ତ୍ତନ ଲୀଳା ଇତ୍ୟାଦି ଅନୁଷ୍ଠିତ ହେବ ଏବଂ ଗ୍ରାମବାସିମାନେ ଯତ୍ନ କଲେ ଅନାୟାସରେ ହୋଇ ପାରିବ ।

## ସାପ୍ତାହିକ ସମ୍ବାଦ ।

କଲିକତା-ଗେଜେଟ ।

କଟକର ନରେଶ ଠକ୍ ଦାର ଡେପୁଟିକଲେକ୍ଟର ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ଦେଢ଼ମାସର ଛୁଟି ପ୍ରାପ୍ତ ହେଲେ ।

କଟକର ସିଭିଲସର୍ଜନ ମେଜର ଯେ. ଇ, ଡାଇର୍ଟ ଚଳିତ ସିତମ୍ବର ମାସ ତା ୪ ଋଖଠାରୁ ଏକମାସର ଅନୁଗତ ଛୁଟି ପ୍ରାପ୍ତ ହେଲେ ଓ ତାଙ୍କର ଅନୁପସ୍ଥିତ କାଳରେ କଟକ ମେଡ଼ିକେଲ ସ୍କୁଲର ଶିକ୍ଷକ ଅଣିଷ୍ଟାଣ୍ଟ ସର୍ଜନ ଅନନ୍ତଲାଲ ବୋଷ କଟକଜିଲ୍ଲା ଡାକ୍ତର କାର୍ଯ୍ୟର ଭାର ପ୍ରାପ୍ତହେଲେ ।

ଅନୁଗୁଳର ସବ୍‌ଡେପୁଟି କଲେକ୍ଟର ବାବୁ ଚନ୍ଦ୍ରକୁମାର ମାଥୁର ବନ୍ଧବନ୍ଦୀରର ସଦର ମହକୁମାକୁ ବଦଳି ନିମନ୍ତେ ନିଯୁକ୍ତ ହେଲେ ।

କଟକର ସବଡେପୁଟି କଲେକ୍ଟର ମୌଲବୀ ସୟଦ ତାଜମୁଲ ଅଲ୍ଲି ଅନୁଗୁଳ ଜିଲ୍ଲାର ସଦର ମହକୁମାକୁ ବଦଳି ନିମନ୍ତେ ନିଯୁକ୍ତ ହେଲେ ।

ମିଃ ଯେ, ଏସ, ଡେଭିଡସନ କେନ୍ଦ୍ରାପଡ଼ା ଲୋକାଲବୋର୍ଡ ଦ୍ୱାରା କଟକ ଜିଲ୍ଲା ବୋର୍ଡର ସଭ୍ୟପଦରେ ନିର୍ବାଚିତ ହୋଇଅଛନ୍ତି ।

---

ଏ ସପ୍ତାହରେ ପ୍ରଥମ ତ ୩ ଜ ମେଘୁଆ ପାଗ ସହିତ କଛି ବୃଷ୍ଟି ହୋଇଥିଲା ତହୁଁ କିଛିଦିନ ଖରାପାଗ ଓ ଟେକେ ନିଦାଘ ହୋଇ କାଲିଠାରୁ ଆକାଶ ପରିଷ୍କାର ହୋଇଅଛି ।

ସାମାନ୍ୟ ଜ୍ୱରରୋଗ ଅନେକଲୋକଙ୍କୁ ବ୍ୟସ୍ତ କରୁଅଛି ।

ଫସଲର ଅବସ୍ଥା ଭଲ ଏବଂ ନୂଆ ଚାଉଳ ବଜାରକୁ ଆସିବାରୁ ଦର କିଛି ନରମ ହୋଇଅଛି ।

ଆମ୍ଭମାନଙ୍କର କମିଶନର ସାହେବ ଗତ ବୁଧବାର ସନ୍ଧ୍ୟାରେ ଏ ନଗରକୁ ଫେରି ଆସିଅଛନ୍ତି । ରେଲ୍‌ଷ୍ଟେସନରେ ରୋଷନାଇ ଅତସବାଜି ଇତ୍ୟାଦିଦ୍ୱାରା ସାହେବ ମହୋଦୟଙ୍କର ଯଥୋଚିତ ଅଭ୍ୟର୍ଥନା ହୋଇଥିଲା ।

ବାଲେଶ୍ୱରଠାରେ ଗତପୂର୍ବ ଗୁରୁବାର ସନ୍ଧ୍ୟାବେଳେ ଶ୍ରୀଯୁକ୍ତ ଜଗନ୍ନାଥପ୍ରସାଦ ଦାସ ଓ ଶ୍ରୀଯୁକ୍ତ ରାଧାଚରଣ ଦାସ ସେମାନଙ୍କର ପୁଷ୍କରିଣୀ ଉଦ୍ୟାନରେ ମାନ୍ୟବର ବେ, ଜି, ଗୁପ୍ତ କମିଶନର ସାହେବଙ୍କ ସମ୍ମାନାର୍ଥେ ଏକ ପ୍ରମୋଦ ମିଳନ ରଚନା କରିଥିଲେ ଏବଂ ନଗରବାସୀ ଉଚ୍ଚଶ୍ରେଣୀସ୍ଥ ଏବଂ ଦେଶୀୟ ଅନେକ ଲୋକଙ୍କୁ ଆମନ୍ତ୍ରଣ କରି ରୋଷନାଇ, ନାଚ, ଖେଳ, ବାଦ୍ୟ, ଜଳଯୋଗ ଇତ୍ୟାଦି ବିବିଧ ଆମୋଦ ଯୋଗାଇଥିଲେ । ଆମନ୍ତ୍ରିତ ବ୍ୟକ୍ତିମାନେ ପ୍ରାୟ ଦୁଇଘଣ୍ଟା କାଳ ବହୁ ପ୍ରକାର ଗ୍ରହଣ ପୂର୍ବକ ପ୍ରଫୁଲ୍ଲଚିତ୍ତରେ ବିଦାୟ ହୋଇଯାଇଥିଲେ ।

ଗତ ଶନିବାର ଅପରାହ୍ଣରେ ବାଲେଶ୍ୱରଠାରେ କଟକ ସର୍ଭେସ୍କୁଲ ଦଳ ସହିତ ବାଲେଶ୍ୱର ଜିଲ୍ଲାସ୍କୁଲ ଦଳର ଫୁଟବଲ୍ ବା ୪ ଜ ଖେଳ ହୋଇଥିଲା । କଟକ ଦଳ ଜୟଯୁକ୍ତ ହେଲେ ।

ଗତ ରବିବାର ସନ୍ଧ୍ୟାବେଳେ କଲିକତାରେ ଏକ ଘଣ୍ଟା କାଳ ଏମନ୍ତ ବୃଷ୍ଟି ହୋଇଥିଲା ଯେ ରାସ୍ତାମାନଙ୍କ ଉପରେ ଅଣ୍ଟେ ଜଳ ଛିଡ଼ା ହୋଇ ଗଲା ଓ ଗାଡ଼ି ଇତ୍ୟାଦିର ଚଳ ପ୍ରଚଳ ରାତ୍ର ଘ ୧୦ ଟା ପର୍ଯ୍ୟନ୍ତ ବନ୍ଦ ହୋଇଗଲା ।

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ମାଣିକ ରାଇ ଓ ଜଳମଣି ରାଉ କଟକ | | ଟ ୧ |
| ,, ରାମଚନ୍ଦ୍ର ଚମ୍ପତି ପୁରୁଷୋତ୍ତମ ଅଠଗଡ଼ | | ଟ ୩ |
| ,, ଭାଗିରଥୀ ମହାପାତ୍ର ରଃ ପଣ୍ଡିତ ସାଲେପୁର | | ଟ ୧ |
| ,, କପିଳଚରଣ ଦାସ | କଟକ | ଟ ୧ |
| ମୁନ୍‌ସୀ ଏଲାହି ବକ୍ସ | କଟକ | ଟ ୧ |
| ଶ୍ରୀବାବୁ ନ.ଗୁଣୀ ବେହେରା | କଟକ | ଟ ୩ |
| ଶ୍ରୀଯୁକ୍ତ ସ୍ୱବଂଶଜ ଗୋପୀନାଥ ଭଞ୍ଜ ଦେଓ ବେହମ୍ପୁର | | ଟ ୩ |
| ଶ୍ରୀବାବୁ ଶମ୍ଭୁନାଥ କର | ଯୋଗୀ | ଟ ୧ |
| ,, ସାଧୁଚରଣ ଦାସ | ଝଙ୍କଡ଼ | ଟ ୧ |
| ଶ୍ରୀଯୁକ୍ତ ଜଗନ୍ନାଥ ପାଃଦେଓ | ତଲଚାକୋଠା | ଟ ୩ |
| ମହନ୍ତ ଶ୍ରୀ ରଘୁନାଥ ପୁରୀ ଗୋସାଇଁ | କୋଠପଡ଼ା | ଟ ୮ |
| ଶ୍ରୀବାବୁ ଚକ୍ରଧରଣ ମିଶ୍ର | ଢେଙ୍କାନାଳ | ଟ ୩ |
| ,, ନରସିଂହ ଦେଓ | କଟକ | ଟ ୧ |



## ବିଜ୍ଞାପନ ।



ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।

ଏଇନ, ଡି କୁଣ୍ଡୁର ଅଭିନବ ଆବିଷ୍କାର

"ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ-କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆ-ଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସ-ଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହ-ମାନେ ବ୍ୟବହାର କରୁଥିଲେ; ମିଷ୍ଟର କୁଣ୍ଡୁ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଇହା ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ଦ୍ୱାରା ଦନ୍ତର ଶିଥିଲତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୪ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ଟ ୦ ୷୵ ଅଣା, ଡଜନକୁ ଟ ୦ ୷ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"କୁଣ୍ଡୁ ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାସ୍ତନସି ଘୋଷର ଷ୍ଟ୍ରିଟ, କଲିକତା ।

---

ସର୍ବପ୍ରକାର ଖଜ, ଘା, ଚର୍ମ-ବାଢ଼ି ପ୍ରଭୃତି ଆରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।

"ଓ୍ୟାର ଆର କାଇ"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନଲୀଗ୍ରସ୍ତ ପର୍ଯ୍ୟନ୍ତ ଆରୋଗ୍ୟ ହୋଇ ଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ :—"ଉଇଲିଅମ୍, ମେକର ଏଣ୍ଡ କୋମ୍ପାନୀ", —କଲିକତା ।


Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୁଃସାଧ୍ୟ ହେବାରୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼ିଲିଭର ଅଏଲ, ଫସ୍ଫୋଫାଇଲ ଗେଇନ୍ସ ଇତ୍ୟାଦି ପ୍ରଭୃତି ପ୍ରଚଳିତ ବହୁବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗବର୍ଜିତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କଏ ନ ଜାଣେ ସାଲସା, କଡ଼ିଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ରୋଗ ଗୃହିରହେ !

କ୍ଷଣିକ ଉପଶମ ଦେଖାଇ ପୁନରାୟ, ସମୟରେ ଲିଭୁ ବଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଫଳ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ବାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେର ଆସେ ନାହିଁ । ସୁତରାଂ ବାରମ୍ବାର ଚିକିତ୍ସାରେ ସେବକର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଷ୍ଟ୍ରିଆ, ଇଙ୍ଗ୍ଲେଣ୍ଡ ଆମ୍ରିକା ଓ ଅନେକ ସଭ୍ୟ ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ଚାହିଦା ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଦୃଷ୍ଟାନ୍ତ ପ୍ରମାଣ !

ସ୍ବାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ୨ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବିଶେଷାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସହ ଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଅଦ୍ଭୁତ !

ଅଥଚ ସେବନରେ ବିସ୍ବାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହାର ମାତ୍ରା ଔଷଧ ଏହାର ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ବାରମାଟିନର ଶକ୍ତି ଉକ୍ତପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ ଓ ଫୁସଫୁସ ବା ଯକୃତ ସମ୍ବନ୍ଧୀୟ ପୀଡ଼ା—

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କବିରତ୍ନଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ହରଘୋଷଷ୍ଟ୍ରିଟ, ସିମଲିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାତକ ଧାତୁ ଦ୍ରବ୍ୟାଦି ( ଭସ୍ମ ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ମହୌଷଧ ।

( ଅର୍ଥାତ୍ ବୈଦିକ ଯୋଗଲବ୍ଧ ଦିବ୍ୟ ମହୌଷଧ )

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ଭକ୍ତ ପରିଶେଷ ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ଚିକିତ୍ସା ଯେଉଁମାନଙ୍କ ଆରୋଗ୍ୟ ହେବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଅହାରର ପରେ ଅମ୍ଳ-ଢେକୁର ( ଖଟଢେକୁର ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲ ରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦସ୍ପନ୍ଦ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାପଦୋଷ, ଶରୀରରେ ଚକାଚାର ଚିହ୍ନ, ମେଦ, ସ୍ୱପ୍ନଦୋଷ, ଧାତୁ ତରଳତା, ପୁରୁଷତ୍ୱ-ହାନି, ବହୁମୂତ୍ର, ମେହରୋଗ, ମସ୍ତିଷ୍କଦୌର୍ବଲ୍ୟ, ଚକ୍ଷୁ ବନ୍ଦ ମୂର୍ଚ୍ଛାବ ଓ କାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ଅଧିକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଓ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଓ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ ଅଣା । ଔଷଧ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
" ଇଲେକ୍‌ଟ୍ରୋ ସାଲସା "
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ଦେବ ନାହିଁ । ଅନ୍ୟ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ଦେବ ନାହିଁ । ଯେହେତୁ—

ଇଲେକଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ଜୟ ହେଉଅଛି ଦେଶ ବିଦେଶରୁ ସେହିପରି ଗଣ୍ଡା ଅଯାଚିତ ସୁଖ୍ୟାତିପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାଳିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଗଚ୍ଛିତ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା କି ସ୍ୱଦେଶୀ କି ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ " ଇଲେକ୍‌ଟ୍ରୋ ସାଲସାର " ପକ୍ଷପାତୀ ହୋଇ ବାରମ୍ବାର ଚିଠିଦ୍ୱାରା ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।— ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଆଣ୍ଠୁଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲ ଉଠିବା, କୁଣ୍ଡିଆଣ, କୁଳ ଦରମି ଓ ପାରଦର ଘା, ନାଳ ଓ ନାକର ଘା ଦେହରେ ବା ହସ୍ତ ଓ ପଦ ତଳରେ ପାଣ୍ଡୁ ଚରମିର ଧଳା ବା କଳା ଚିହ୍ନ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତାହାର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମି-ବିଷର ଜଡ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ଯାବତୀୟ ଶୁକ୍ରବ୍ୟାଧି— ଅର୍ଥାତ୍-ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳର ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ

Digitized by srujanika@gmail.com

Split by PDF Splitter



ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳ ବେଗରେ ସାର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅଗଣନ ସହବାସ ହେତୁ ଧାରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚକ୍ଷୁର ଅନ୍ଧକାର, ନିର୍ଜନ ପ୍ରିୟତା, ଚନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜୀର୍ଣ୍ଣ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ଋଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଅବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ପଥ୍ୟ ନିୟମରେ କଣ କିଛି କରି ନାହିଁ । ଅସାର ଅଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ଭୁମ୍ବ ଦେଶର ପ୍ରକୃତ ଔଷଧ ! ହେହେତୁ କୋଟିଏ ରୋଗୀ ସଙ୍ଗ! ଅଭିଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛାପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ କମାଇବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର କମ୍ପାନୀ ଖାତାରୀ ଅନୁସାରେ ଏକ ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅଳ୍ପ ଅବସରରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—

ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ଡାକ୍ତର୍ସ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର୍—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଆଦର୍ଶ "ଟ୍ରେଡମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମତାଗିରି ଧରାଇ ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA
TRADE MARK

ଆମେରିକା ପ୍ରାଦେଶିକ ବ୍ୟୁର୍ଦ କଲେଜର ମହାମାନ୍ୟ ଡାକ୍ତର ଜେମସ୍, ମେଜର ଏମ, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ବହୁଗୁଣ ସମ୍ପନ୍ନ ଔଷଧ ଏ ଦେଶରେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଏହି କଥା ଅତ୍ୟୁକ୍ତି ନୁହେଁ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ସେ ରୋଗୀମାନେ ସେହି ରୋଗର ଅସାଧ୍ୟ ହୋଇ ଉଠିବା ପରେ ଏହି ମହୌଷଧ ସେବନ କରି ଆରୋଗ୍ୟ ।

ଇଲେକ୍‌ଟ୍ରୋ ସାଲସା,—ବୈଜ୍ଞାନିକ ଉପାୟରେ ପ୍ରସ୍ତୁତ ହୋଇଥିବାରୁ ଏହାର ଗୁଣ ଆଶୁ ଫଳପ୍ରଦ । ଅନ୍ୟ ଔଷଧ ସେବନ କରି ଯେଉଁମାନେ ନିରାଶ ହୋଇଅଛନ୍ତି ସେମାନେ ଏହି ଔଷଧ ସେବନ କଲେ ଆଶ୍ଚର୍ଯ୍ୟ ଫଳ ପାଇବେ । ପ୍ରଥମ ଶିଶି ସେବନରେ ପ୍ରତ୍ୟକ୍ଷ ଫଳ ଦର୍ଶନ !!

ଭଜ୍ଞାନ—ଅସମାନ୍ୟ ଚିକିତ୍ସା ଦେଖିଲେ ସେ ଉପରେ ଲିଖିତ ବିଜ୍ଞାପନ ଆଦି ପଢ଼ିବେ । ଏପରି ପ୍ରଭାବ ଶାଳୀ ପ୍ରକୃତ ଦେଶୀ ଔଷଧ । ଏପରି ଉପକାର ସମସ୍ତ ଶକ୍ତି ରେ ରୋଗୀମାନଙ୍କୁ ପ୍ରୟୋଗ କରୁଅଛି ତାହା ସେ ଲୌକିକ ଶକ୍ତି ଧାରଣ କରିବ ବୋଲି ଆଉ କହିବୁ କଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଚରକ ପଣ୍ଡିତମାନେ କହନ୍ତି, ତାଙ୍କ ଦ୍ୱାରା ଆବିଷ୍କୃତ ବୈଦ୍ୟୁତିକ ଶକ୍ତି ଓ ସାଲସା ପରିଲାରେ ଏକ ତ୍ରୟୋଦଶ ଶକ୍ତି ଏକ ସମୟରେ ଶରୀରରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉପକ୍ରମ ହୁଏ । ପୁଣି ସେହି ଯୁଗପତ୍ ବୈଦ୍ୟୁତିକ ଶକ୍ତିର ଉପକାରିତା ଉପଲବ୍ଧି କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାକୁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ ଉଭୟର ସମତା ରକ୍ଷା ହୋଇ ନ ପାରେ । ଉଭୟର ଶକ୍ତି ସଂଯୋଗ ସଂଗତ କୌଣସି

ଔଷଧରେ ସେ ଅଭାବ ସମ୍ପୂର୍ଣ୍ଣ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ରାସାୟନିକ ଦ୍ରବ୍ୟ ବା ଉଦ୍ଭିଦଜ ଅବସ୍ଥାର ମଧ୍ୟରୁ ଏହି କେତେ ପ୍ରକାର ବାହ୍ୟ ପ୍ରୟୋଗ କରି ଯାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି ରୋଗରେ ଉପକାର ପାଇବାକୁ ସମର୍ଥ ହୁଅନ୍ତି । ପରନ୍ତୁ ତାହା କିମ୍ବା ମଧ୍ୟ ସେ ସ୍ଥାୟୀ ଏ କଥା ଠିକ ସମାଜକୁ ଏବେ ଜଣା ପଡ଼ି ନାହିଁ । ଆଉ ଏ ସଂସାରରେ ପ୍ରାଣୀମାନଙ୍କ ମଧ୍ୟ ସେହି କାର୍ଯ୍ୟ ନିମନ୍ତେ ବିଜ୍ଞାନର ପ୍ରୟୋଗରେ ତାହାକୁ ସହଜ ଉପାୟରେ ସଂଯୋଗ କରି ଏହି ଅନେକ ଔଷଧ ପ୍ରସ୍ତୁତ କରି ଉଠାଇଅଛନ୍ତି ଏବଂ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅଦ୍ୱିତୀୟ ଔଷଧ ବୋଲି ପ୍ରମାଣ କରିଅଛନ୍ତି !!

ଅଛି ଆହୁରି ଉପାୟ ଓ ସ୍ଥାୟୀ ସୁଫଳପ୍ରଦ କୃତ୍ରିମ ସାଲସା ବା କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଏଥି ସହିତ ସେବନ କରିବାକୁ ହେବ । ଆଉ ଏହି ମହୌଷଧକୁ ଏହି ମହାକାଳୀନ୍ ଏହି ବୈଦ୍ୟୁତିକ ସାଲସା 'ଇଲେକ୍ଟ୍ରୋ ସାଲସା" ର ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ସୁଫଳ ଫଳିବ ଅବର୍ଣ୍ଣନୀୟ ହେବ ପୁଣି ବର୍ଣ୍ଣନା ହେବ, ରୋଗୀମାନେ ଉପକାର ଓ ଆଶ୍ଚର୍ଯ୍ୟ ପ୍ରତି ଦେଖାଯିବ ।

ରକ୍ତ ଦୋଷ ଦୃଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି, ନାଲୀଘା, ଗାତ୍ରକଣ୍ଡୁ, ଚାକୁ, କୁଷ୍ଠ, ବଳ୍ମୀକ, ପ୍ରମେହ, ଧାତୁ ଦୌର୍ବଲ୍ୟ, ଗର୍ଭ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଉପ ଦଂଶ, ମୂତ୍ରଦ୍ୱାରରେ ଘା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଉତ୍କଟ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଅବଶ୍ୟ ଆରୋଗ୍ୟ ହେବ ।

ବିଶେଷ ବିବରଣ ପୁସ୍ତକ ଦ୍ୱାରା ଜାଣନ୍ତୁ ହେବ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧ ୧୨ ତିନି ଶିଶି ୪ ୧୦୯, ୬ ଶିଶି ୮ ୧୩୧ ଡାକମାଶୁଲ ଓ ପ୍ୟାକିଂ ପ୍ରତି ଶିଶିରେ ୦ ୮, ୩ ଶିଶିରେ ୦ ୧୨, ୬ ଶିଶିରେ ୧, ସ୍ୱତନ୍ତ୍ରରେ ୧ ୧୦ ।

ଅନୁଗ୍ରହକରି ପତ୍ରାଦି ପଠାଇବାର ଠିକଣା

W, MAJOR & Co ୭୨ ନମ୍ବର, ଲୋଅର ଚିତ୍‌ପୁର ରୋଡ,

Calcutta କଲିକତା

TELEGRAPHIC ADDRESS.

"MAJOR". Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛାପିବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୦ ୧୦

ଅଧସ୍ତମ୍ଭକୁ ୪ ୧ ୨

ପୂର୍ଣ୍ଣ ଏକ ସ୍ତମ୍ଭକୁ ୮ ୩ ୬

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଖର୍ଚ୍ଚା ୪୦ ଅଣାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ମିସନ ଯନ୍ତ୍ରାଳୟରେ ଶ୍ରୀଯୁକ୍ତ ହରିହର ସେନାପତିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ପୁଷ୍କ-ସମ୍ବାଦ ।

ସବଡିପୋଟୀ ସୁଦର୍ଶନ ବାବୁ ଗତ ତା ୧୧ ରୁଖେ ବଡ଼ ଚରଣାପ୍ତ ଓ ହକଲ ଫେଇରେ ମାଜିଷ୍ଟ୍ରେଟ ସାହେବଙ୍କର ଗନ୍ତେରଣମତେ କଟଲକଟର ମହ.ଫଳ ଖାନାକୁ ଏକ ମହଜାର ବାଗେ ନକଲ କରୁଥିବାରୁ ମହାଫିଜ ଡେପ୍ଟି ଇଞ୍ଚାର୍ଜ ଅଫିସରଙ୍କଠାରେ ଏକଥା କହିଲେ ଏବଂ ପରେ ସେ ବିଷୟ ପୁଣି କଲେକ୍ଟର ଗାରେଟ ସାହେବଙ୍କ ନେତରରେ ପକାଇଲେ ଯେ ସ୍ୱୟଂ ସବଡିପୋଟୀଙ୍କ ଅଦେଶ ନେଇଥିବାର କହି କାଗଜମାନ ସବଡିପୋଟୀଙ୍କୁ ଦେଲେ । ଏପରି ହେଲେ ସାଧାରଣ କ ଦୋଷ କରିଅଛନ୍ତି ସେମାନେ ତାହାଙ୍କ ଖାତାରେ ନକଲ ନ ପାଇବେ ?

ଶ୍ରୀଯୁକ୍ତ ଗାରେଟ ସାହେବ ଶଣ୍ଡାରୀ, ଭୁବନେଶ୍ୱର ଓ କୋଠଦେଶ ବନ୍ଧନପୁର ଇତ୍ୟାଦି ସ୍ଥାନମାନଙ୍କରୁ ଯେଉଁ ଖ୍ରୀଷ୍ଟାନ ପ୍ରଚମାମାନ ବଳପୂର୍ବକ ସ୍ୱର୍ଣାସ୍ତୃଥା ସବଡିପୋଟୀ ମହୋଦୟଙ୍କ ସମକ୍ଷଙ୍କାଠାରେ ପାଇଥିଲେ ତାହା ଫେରସ ଦେଉଥିବାର ପ୍ରକାଶ ହୁଏ ।

ଗତ ତା ୧୬ ରୁଖେ ଅସ୍ମାନଙ୍କର ନୂତନ ମାଜିଷ୍ଟ୍ରେଟ ମି, ହେଲଉନ୍ ସାହେବ ମହୋଦୟ ଏଠାରେ ପହଞ୍ଚି ଚାର୍ଜ ଗ୍ରହଣ କରିଅଛନ୍ତି ଏବଂ ମି: ଗାରେଟ ସାହେବ ପରଜନ ବେଲପୋଟ ଏଠାରୁ ପ୍ରସ୍ଥାନ କରିଅଛନ୍ତି ।

ଗତ ତା ୧୭ ରାତ ସନ୍ଧ୍ୟାସମୟରେ ମାଟମଣ୍ଡପସାହି ବାଉକା ଦେଗଙ୍କ ସମ୍ମୁଖସ୍ଥ ଘରରେ ଅଗ୍ନି ଲାଗି ପ୍ରାୟ ବ ୩୧୭ ଖଣ୍ଡ ଘର ପୋଡ଼ି ଯାଇଅଛି ।

ଏ ସପ୍ତାହରେ ସାମାନ୍ୟ ବୃଷ୍ଟି ସଙ୍ଗେ ଥଣ୍ଡ ଖସ ହେଉଅଛି ।

---


# ଏହାଇ ପ୍ରାଦୁର

## ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତାନ୍ତ ସତ୍ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଘାଉ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ଜଳା ଜ୍ୱାଳା ଯନ୍ତ୍ରଣାରେ ,ଶେଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବଜନ କର୍ତ୍ତୃକ ଏହା ଅଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ କେତାର ବଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ଡାହାର କେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରମନାରଦ ଦେ ।

ଦେଙ୍କ ଉତ୍କଳପ୍ରେସ, ବାଲେଶ୍ୱର



# ବିଜ୍ଞାପନ ।

**ପ୍ରାଥମିକ ଅଙ୍କଶିକ୍ଷା**—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ନିମ୍ନ ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ଗ୍ରନ୍ଥର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ଗ୍ୟରଅଣା ମାତ୍ର ।

**ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ**—ଉଚ୍ଚ ପ୍ରାଇମେରୀ, ଅପର ପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପରୀକ୍ଷା ଛାଅକ ସୁନ୍ଦର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବେଷ୍ଟ ହୋଇଅଛି । ମୂଲ୍ୟ ଟ ୦। ମାତ୍ର ।

**ତୃତୀୟ ପାଠର ବ୍ୟାଖ୍ୟା**—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳାବିଷ୍ଟ ପ୍ରଶ୍ନମାନ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ବାଳବନ୍ଧୁ**—ଏଥିରେ ଅନେକଗୁଡ଼ିଏ ପ୍ରଯୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପଦ୍ୟାକାରରେ ଲିଖିତ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍‌ସେଲରମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଅମ୍ଭଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଅଧାଗିର କମିଶନ ଲାଭ କରିବେ ।

ଶେଖ ମକରୁଦ୍ଦୀନ

ହେଡ଼ମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ଲସ୍କୁଲ କଟକ



# ବିଜ୍ଞାପନ ।

ସନ ୧୯୦୬ ମସୀହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିପିତ

ଜେନେରଲ ସେକ୍ରେଟରୀ

ଇଣ୍ଡିଆନଲ ଇଣ୍ଡଷ୍ଟ୍ରିୟଲ ଏକଜିବିଶନ



# ବିଜ୍ଞାପନ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେମିକାର ପ୍ରିୟ ଉପହାର, ଅତି ଅପୂର୍ବ । ଏଇତ, ଡି ଲୁଣ୍ଡର ଅଭିନବ ଅବିଷ୍କାର

"ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଅସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଅଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର ଲୁଣ୍ଡ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଇହା ସହିତ କେତେଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦। ଅଣା, ଭିଜନ ଟ ୨।୵ କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦।୵, ୬ ଶିଶିରେ ଟ ୦।୵ ଅଣା, ଭିଜନକୁ ଟ ୦ ୵ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"ଲୁଣ୍ଡ, ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାସ୍ତନସି ଘୋଷର ଷ୍ଟ୍ରିଟ, କଲିକତା ।



ସର୍ବପ୍ରକାର ଘାଆ, ଘା, ଗର୍ମି-ବାଘି ପ୍ରଭୃତି ଅରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।

"ଓ୍ୟାର ସାର କ.ରି"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମନ୍ତ୍ରଶକ୍ତି ପରି ଆରୋଗ୍ୟ ହୋଇ ଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ଅନିଷ୍ଟକାରୀ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧।୵ କା ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଅଣା । ପ୍ରାପ୍ତିସ୍ଥାନ :—"ଡବଲ୍ଲୁ, ମେଜର ଏଣ୍ଡ କୋମ୍ପାନୀ",—କଲିକତା ।


Digitized by srujanika@gmail.com

# ବିଜ୍ଞାପନ ।

## ସଲେନ ପରିଚୀୟୁଛେ

କବିରାଜ ଶ୍ରୀଛକଡ଼ି ଦତ୍ତ କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦ ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅଶେଷ ପ୍ରିୟ ପଦାର୍ଥ ଏପର ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ-ମେଧାବିଶିଷ୍ଟ ବାଲକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚିତ ହୋଇ-ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୧

### ଶୁକ୍ରବର୍ଦ୍ଧକବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧ ମାତ୍ର ।

### କଳ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦାଦ ଦୋଷଜନିତ ଶରୀରରେ କଣ୍ଡୁ ଓ ଚକାଚ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ। ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ ମାତ୍ର ।

ଏକତ୍ରେ ତିନଶିଶି ନେଲେ ଟ ୪୧ ଙ୍କା ଲଗେ ।

ଚୌଧୁରୀ ବଜାର } ଶ୍ରୀ ଛକଡ଼ି ଦତ୍ତ କବିରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ।

---

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ସର୍ବ ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରଘୁନାଥପୁର, ଆଡ଼ଗଡ଼, ଷଢେଇକଲା, ସୋନ-ପୁର, ପାଟଣା, ତେଲିଆଲ, ମୟୂରଭଞ୍ଜ, ଖାଲଚେୟାର ଛୋଟନାଗପୁର, ଅଠଗଡ଼, ଗାଙ୍ଗପୁର, ତଲଚେର, ଢେଙ୍କାନାଳ ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋପି, ଶେଲା, ଦଂଶାପ, ବାସ୍ତ୍ରା, ସଙ୍ଗୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହାଦ ଖଚିତ ଅଙ୍ଗସ୍ଥ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହୀରାର ଜାଉହାଦ ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ଯେଉଁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ କେଉଁ ଠିକଣାରେ କ ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ଯାଦୁମାଲ ଖେତାନାଥ
ଭୁତଗଲି ଫାଟକ ବନାରସ ସିଟି

---

## ବିଜ୍ଞାପନ

### ଏଲ୍‌ଗିନ୍ ହେଙ୍କ ଅଏଣ୍ଟମେଣ୍ଟ ।

ବା

### ଯାତୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାତୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ ଏଲ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।

---

## ବିଜ୍ଞାପନ ।

### ନୂତନ ପୁସ୍ତକ ।

| | |
|---|---|
| ନଥିହିସା ( ନୂତନ ଛପା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଭାଗବତଗୀତା ୨ୟ ଖଣ୍ଡ | ଟ ୦। |
| ମହୀରାବଣ ସୁଦ୍ଧ | ଟ ୦/୨ |
| ପ୍ରବନ୍ଧ ଅଶ୍ୱତ୍ଥନନ୍ଦ ବା ଦାଦମଣି ଉପନ୍ୟାସ (ଗ୍ରନ୍ଥ) | ଟ ୦ ୵ |
| ଭକ୍ତି-ସଙ୍ଗୀତ | ଟ ୦ / |
| ବୈଶେଦ୍ରଗୀତା | ଟ ୦।/ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

---

## ବିଜ୍ଞାପନ ।

ଉତ୍କଳର ଅମୂଲ୍ୟରତ୍ନ

# ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ କ୍ରୟ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ଆଠଅଣା ମୂଲ୍ୟରେ ପାଇବେ । ପରେ ପ୍ରକୃତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

ଡ଼ାଲୀଗଳି } ଶ୍ରୀ ପଦ୍ମଭୂଷଣ ବସୁ
କଟକ
୨୨।୭।୧୯୦୬ } ପ୍ରୋପ୍ରାଇଟର—ସତ୍ୟପ୍ରେସ

ଶଙ୍କ ଦୂଲପତ୍ର ଦେଖ ।


Digitized by srujanika@gmail.com

Split by PDF Splitter

REGISTERED No. C 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIK.

ଖ ୩୭ ଶ | ୩୯ ସଂଖ୍ୟା

CUTTACK, SATURDAY THE 27th September 1902.

୨୧୮ ର ଅଶ୍ୱିନ ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩୧ | ପଶ୍ଚାଦେୟ ଟ୨୧

## ବିଜ୍ଞାପନ ।

### ନୂତନ ନାଟକ ।

ଶ୍ରୀ ରାମଶଙ୍କର ରାୟ ବର୍ତ୍ତିକ

ପ୍ରଣୀତ

### ଯୁଗଧର୍ମ ନାଟକ !

କଟକ ପ୍ରିଣ୍ଟିଂକୋମ୍ପାନିଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ

ମୂଲ୍ୟ ଟ ୦ ୧

## NOTICE.

Wanted a Mahafiz strong in English and Uriya on a salary of Rs 20 per mensem. Preference will be given to an Uriya. Copies of testimonials and certificates of good moral character should accompany the application which will be received up to 15th October 1902.

Manager's office Pal lahera
Dated the 15th September 1902 } M, YUSUF
Offg. Manager

## ADVERTISEMENT.

Wanted a Head Master for the Olmara M. E. School in the Mourbhunj State, at a Salary of Rs. 26 to 30. He must have passed the F. A. Examination.

Olmara is three miles from the Dantan Railway station, B. N. R.

Applications will be taken up to the 4th October 1902.

Baripada
the 12th
Septr. 1902 } R. D. CHUKERBUTTY
*Superintendent of Education*
Mourbhunj State.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELI
*Agent Cuttack.*

## ବିଜ୍ଞାପନ ।

### ସହଜ ଇଂରାଜୀ ଶିକ୍ଷା।

### EASY GUIDE TO TRANSLATION.

BY

BISWANATH MISRA.

( ସଂଶୋଧିତ ଓ ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ )

ମୁଦ୍ରଣ ପ୍ରାୟ ଶେଷ ହୋଇଅଛି ।

ଅକ୍ଟୋବର ମାସର ପ୍ରଥମ ସପ୍ତାହରେ

ପ୍ରକାଶିତ ହେବ ।

SOLE AGENT—B. B. MUKHERJEE,
BOOK AGENT, CUTTACK.

## ବିଜ୍ଞାପନ ।

ଜିଲ୍ଲା କଟକ । ତା । କୃଷ୍ଣପୁରର ସଦର କଚେରିଠାରୁ ସା ୧୩୦୯ ଲର ମୋହର ସଂଯୁକ୍ତ ଅଲେଖା ଚେକ ପାଇଡ ହଦର ନମ୍ବର ନ ୨୩୯୩୨ ମ୍ବରଠାରୁ ନ ୨୩୯୩୫ ମ୍ବର ପର୍ଯ୍ୟନ୍ତ ଗୃହରକ୍ଷଣ ହମ୍ମୁଖଁ ଚେକବହି ହଦରୁ ଗୁମ ହୋଇଅଛି । କେହି ଉକ୍ତ ଚେକ ବ୍ୟବହାର କଲେ ଅଗ୍ରାହ୍ୟ ହେବ ।

Radha Syam Das,
*Naib.*

## ବିଜ୍ଞାପନ ।

ଅମ୍ଭର ଅନ୍ଧସର ମାଲମୋକଦମା ଓ ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହ କରିବା ନିମନ୍ତେ ସାଧାରଣ ମାହାନ୍ତି ଓ ହରେକୃଷ୍ଣ ମାହାନ୍ତି । ସା । ନାଳପୁର । ପ୍ର । ଅଲଗି ଓ ମୁନ୍ସି ସୟଦ ନଜରୁଲହକ ଓରଫ କାଲାମିଆଁ ଓ ସୟଦ ଅହମଦ ହୋସନ । ସା । ଷଣ୍ଢରପୁର । ପ୍ର । ସରସ୍ୱତୀ ଓ ମୁନ୍ସି ଅହେମଦ ଅଲି । ସା । କୃଷ୍ଣାନନ୍ଦପୁର । ପ୍ର । ବାଲୁବିଷିମାନଙ୍କୁ ଅମ୍ଭେ ଆମମୋକ୍ତାରପତ୍ରଦାନ ନିଯୁକ୍ତ କରି ସେମାନଙ୍କ ନାମରେ ତା ୨୨।୪।୦୦ ସାଲରେ ଆମ କ୍ଷମତାପତ୍ର ଅମ୍ଭେ ଲେଖି ଦେଇଥିଲୁଁ ମାତ୍ର କାରପରଦାଜମାନେ ଅମ୍ଭର ହାନିଜନକ କାର୍ଯ୍ୟମାନ କରିବା ଓ ଭବିଷ୍ୟତକୁ ତଦ୍ରୂପ କରିବାର ସମ୍ଭାବନା ଥିବାହେତୁ ସେମାନଙ୍କୁ ଅମ୍ଭର ଆମମୋକ୍ତାରପରଦାଜରୁ ରହିତ ଓ ଉକ୍ତ ଆମ କ୍ଷମତାପତ୍ରକୁ ରଦ କରଅଛୁଁ ସେମାନେ ଅଦ୍ୟଦିନଠାରୁ ଅମ୍ଭ ପକ୍ଷରୁ କୌଣସି କାର୍ଯ୍ୟ କରି ପାରିବେ ନାହିଁ, କଲେ ଅମ୍ଭେ ତହିଁରେ କୌଣସି ପ୍ରକାରରେ ବାଧ୍ୟ ହେବୁ ନାହିଁ । ତା ୨୨।୯।୦୨ ସାଲ ।

ଶ୍ରୀ ମହାନ୍ତ ସୀତାରାମ ଦାସ ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ମଧ୍ୟପ୍ରଦେଶ ରାୟପୁର ଏବଂ ସମ୍ବଲପୁରରେ ଏ ପର୍ଯ୍ୟନ୍ତ ସେନାନିବେଶ ଥିଲା ମାତ୍ର ବେଙ୍ଗଲ ନାଗପୁର ରେଲୱେ ଯୋଗେ ସେ ଅଞ୍ଚଳ ଖୋଲି ଯାଇଥିବାରୁ ସେଠାରେ ଆଉ ଛାଉଣି ରଖିବାର ପ୍ରୟୋଜନ ନ ଥିବାର ସିଦ୍ଧାନ୍ତ କରି ବଡଲାଟ ମହୋଦୟ ସେ ଦୁଇ ସ୍ଥାନରୁ ସେନାନିବେଶ ଉଠାଇ ଦେବାର ଆଦେଶ ଦେଇଅଛନ୍ତି । ତଦ୍ଦ୍ୱାରା ଏ ନଗରର ଏହିପରି ଅବସ୍ଥା ଘଟିଯାରେ ବୋଲି ଭୟ ହେଉଅଛି ।

---

ଏକ ସମ୍ବାଦପତ୍ରରେ ଲେଖା ଅଛି ଆମ୍ଭମାନଙ୍କର ସମ୍ରାଟ ଏଡ୍‌ୱାର୍ଡ଼ଙ୍କର ଭାରତରେ ଅଭିଷେକ ଉପଲକ୍ଷରେ ୧୮ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ହୋଇଅଛି । ଏହାଙ୍କର ସ୍ୱର୍ଗୀୟା ମାତା ଭିକ୍ଟୋରିୟାଙ୍କର ଅଭିଷେକରେ ପ୍ରାୟ ୧୦୪ ଲକ୍ଷ ଟଙ୍କା ଖରଚ ହୋଇଥିଲା । ମାତ୍ର ଭାରତରେ ସେହି ଉପଲକ୍ଷରେ ୩୨ ଲକ୍ଷ ଟଙ୍କା ବ୍ୟୟ ହେବାର ବରାଦ ହୋଇଅଛି ! ଇଂଲଣ୍ଡଠାରୁ ଭାରତ ବଡ଼ ଧନୀ ପରା ?

---

ଗତ ତା ୧୮ ଇଣରେ ଶେଷ ହେବା ସାପ୍ତାହିକ ବିବରଣରୁ ପ୍ରକାଶ ଯେ ସେ ସପ୍ତାହରେ ରାଜପୁତାନା ଗୁଜରାଟ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ସୁବୃଷ୍ଟି ହୋଇ ଏପର୍ଯ୍ୟନ୍ତ ବର୍ଷାକାଳର ବୃଷ୍ଟି ପରିମାଣ ଭାରତର ଯେ ସମସ୍ତ ଅଂଶରେ ଊଣା ଥିଲା ତାହା ଏକପ୍ରକାର ପୂର୍ଣ୍ଣ ହୋଇଅଛି । କେବଳ ରାୟପୁର, ଜବଲପୁର, ଜୟପୁର ଏବଂ ଇନ୍ଦୋରରେ ବୃଷ୍ଟିର ଅଭାବ କିଛି ଅଧିକ ପରିମାଣରେ ରହିଅଛି । ସୁବୃଷ୍ଟି ଯୋଗେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଏ ସପ୍ତାହରେ ୪୫୧୯୨ ଊଣା ହୋଇ ୩୦୫୩୪ ରେ ରହିଥିଲା ।

---

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଘୋଷଣା ପ୍ରଚାର କରିଅଛନ୍ତି କି ଗୃହପାଳିତ ପକ୍ଷୀର ଚର୍ମ ଓ ପକ୍ଷ ଛଡ଼ା ଅନ୍ୟ ସକଳ ପକ୍ଷୀର ଚର୍ମ ଓ ପକ୍ଷ ଭାରତରୁ ସମୁଦ୍ର ଅଥବା ସ୍ଥଳପଥରେ ଦେଶାନ୍ତରକୁ ପଠାଯିବ ନାହିଁ । କେବଳ ପ୍ରକୃତରେ ଜୀବ ଇତିହାସର ଉଦାହରଣାର୍ଥେ ତାହା ପଠାଇବାର ପ୍ରୟୋଜନ ହେବ ତେବେ ଛଡ଼ା ହେବ । ଏଥିରୁ ଜଣାଯାଏ ଭାରତୀୟ ପକ୍ଷୀକୁଳର ରକ୍ଷା ଉଦ୍ଦେଶେ ଏହି ନିଷେଧାଜ୍ଞା ପ୍ରଚାରିତ ହୋଇଅଛି । ଏଣିକି ବଣପକ୍ଷୀ ଇତ୍ୟାଦି ବିଦେଶକୁ ପଠାଇବା ଉଦ୍ଦେଶେ ଆଉ କେହି ବଣ ଇତ୍ୟାଦି ମାରିବାକୁ ପ୍ରବୃତ୍ତ ହେବେ ନାହିଁ ।

---

ସମସ୍ତ ଭାରତରେ ଜୁଲାଇମାସ ପ୍ରଥମ ସପ୍ତାହରେ ପ୍ଲେଗ ରୋଗରେ ୫୨ ହଜାର ଲୋକ ମରିପଡିବାର ଗତ ସପ୍ତାହରେ ପ୍ରକାଶ କରିଥିଲୁଁ । ୨ୟ ସପ୍ତାହର ତାଲିକାରୁ ପ୍ରକାଶ ଯେ ସେହି ୭ ଦିନରେ ୭୨୪୩୯ ଜଣ ମରି ପଡିଅଛନ୍ତି । ଅର୍ଥାତ୍ ଏହା ବମ୍ବେଇରେ ପ୍ରାୟ ୫୫ ଲକ୍ଷ, ମହୀଶୂରରେ ୭୮୫, ହାଇଦରାବାଦରେ ୨୪୨, ଉତ୍ତର ପଶ୍ଚିମରେ ୪୯୭, ମାନ୍ଦ୍ରାଜରେ ୨୭୪ ପଞ୍ଜାବରେ ୧୦୯ ଏବଂ ଅବଶିଷ୍ଟ ଅନ୍ୟାନ୍ୟ ପ୍ରଦେଶରେ ମରି ପଡିଅଛନ୍ତି । ବଙ୍ଗ ଏବଂ ମଧ୍ୟପ୍ରଦେଶରେ ଏ ରୋଗର ପ୍ରକୋପ ଅତ୍ୟନ୍ତ ଊଣା ଏବଂ ରାଜପୁତାନା, ବେଲୁଚିସ୍ଥାନ ଓ କାଶ୍ମୀରରେ ଆଦୌ ନାହିଁ ।

---

ପୁରୀ ମାଜିଷ୍ଟ୍ରେଟ ଅଫିସରୁ ଜଗନ୍ନାଥବଲ୍ଲଭ ମଠସମ୍ବନ୍ଧୀୟ ନଥିରୁ କେତେକ କାଗଜ ଚୋରି ଯାଇଥିବା ଅପରାଧରେ ଗୋଟିଏ ମୋହରର ବରଖାସ୍ତ ହୋଇଥିଲେ ଓ ନକଲନବିସ ହାତାଇତରଙ୍କୁ ଆସିବା ନିଷେଧାଜ୍ଞା ପାଇଥିଲେ ଓ ମାହାଫିଜ ଏକବର୍ଷ ନିମନ୍ତେ ଡିଗ୍ରେଡ଼ ହୋଇଥିଲେ । ମାନନୀୟ କମିଶନର ସାହେବ ମହୋଦୟ ଅପିଲରେ ମୋହରରଙ୍କୁ କାର୍ଯ୍ୟରେ ବାହାଲ, ମାହାଫିଜଙ୍କୁ ଛମାସ ନିମନ୍ତେ ଡିଗ୍ରେଡ଼ ଓ ନକଲନବିସଙ୍କୁ ବରଖାସ୍ତ କରିଅଛନ୍ତି । ନଥିର କାଗଜ ନକଲ ହେବାପାଇଁ ମୋହରରଙ୍କଠାରୁ ନକଲନବିସଙ୍କ ନିକଟ ଯାଇଥିଲା । ଏପରି ନଥିରୁ ନକଲ ହେବା କାଗଜ ଅଦୃଶ୍ୟ ହେଲା ସେଥିର କାରଣ ନକଲନବିସ ଦେଇ ନ ପାରିବାରୁ ସେ ପ୍ରଧାନ ଦୋଷୀ ହେଲେ ।

---

ଏ ବର୍ଷ ଗଣେଶଙ୍କ ଦଶହରା ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ଧୀରେ ୨ ଏକ ୨ ପ୍ରତିମାର ଦଶହରା ହେଉଅଛି ସୁତରାଂ ଗଣେଶ ମେଢ଼ର ମେଳନ ନ ହେବାରୁ ନାଗରମାନଙ୍କର କାରୁକାର୍ଯ୍ୟର ସମ୍ପୂର୍ଣ୍ଣ ତୁଳନା ହୋଇପାରୁ ନାହିଁ । ଗତପୂର୍ବ ଶୁକ୍ରବାରଠାରୁ ଗଣେଶଙ୍କ ଜଳଶାୟୀ ହେଉଅଛି । ଏବର୍ଷ ଛଅଗୋଟି ପ୍ରଧାନ ମେଢ ହୋଇଥିଲା । ବାଲୁବଜାରର ବାବୁ ଗୋପାଳପ୍ରସାଦ ଭଗତଙ୍କ ଚୌଧୁରୀବଜାରର ଜଗୁଦଲେଇ ଓ ମାଣିକଘୋଷ ବଜାର ଏକ୍ଟସମ୍ପ୍ରଦାୟମାନଙ୍କ ମେଢର ସାଜ ସଜା ଉତ୍କୃଷ୍ଟ ଏବଂ ସେମାନଙ୍କ ମଧ୍ୟରେ ଏକ୍ଟସମ୍ପ୍ରଦାୟଙ୍କର ସରସ ଥିଲା । ତଦ୍ଭିନ୍ନ ନାଗରଙ୍କ ଶିଳ୍ପନୈପୁଣ୍ୟର ପରିଚୟ ମିଳିଥିଲା । ଆକାଶ ପରିଷ୍କାର ଏବଂ ରାତିର ପ୍ରଥମ ଭାଗରେ ମେଢ଼ ସବୁ ବାହାରିଥିବାରୁ ଦର୍ଶକ ସଂଖ୍ୟା ଅତ୍ୟନ୍ତ ବେଶି ହୋଇଥିଲା, ଲୋକେ ଦେଖିବାର ସୁବିଧା ପାଇଥିଲେ

---

ଇରିଗେସନ କମିଶନ ଅର୍ଥାତ୍ ଜଳସମ୍ବନ୍ଧୀୟ ସମିତିର ଅଧିବେଶନ ସିମଲାଠାରେ ଆସନ୍ତା ଅକ୍ଟୋବର ମାସ ତା ୧୫ ଇଣରେ ଆରମ୍ଭ ହେବ । ସେଠାରୁ ସେହିମାସ ତା ୨୧ ଇଣରେ ସାହାକର ବେଲୁଚିସ୍ଥାନ ପ୍ରଦେଶର ଜଳମାନ ପରିଦର୍ଶନ କରିସାରି ବଙ୍ଗପ୍ରଦେଶରେ ଉପସ୍ଥିତ ହେବେ । ନବେମ୍ବର ମାସ ତା ୬, ୭ ଓ ୮ ଇଣରେ କଲିକତାରେ ବୈଠକ କରି ତା ୧୨ ଇଣରେ କଟକନଗରକୁ ଶୁଭାଗମନ କରିବେ ଏବଂ ଏଠାରେ ୪ଦିବସ ମାତ୍ର ରହି ସ୍ଥାନୀୟଲୋକଙ୍କ ସାକ୍ଷୀ ନେବେ । ସେହି ମାସ ତା ୨୫ ଇଣ ପର୍ଯ୍ୟନ୍ତ ବଙ୍ଗପ୍ରଦେଶର ଆଉ କେତେ ସ୍ଥାନ ଦେଖି ଆଗ୍ରା ଏବଂ ଅଯୋଧ୍ୟାଯୁକ୍ତ ପ୍ରଦେଶକୁ ଗମନ କରିବେ । ଓଡ଼ିଶାରେ ଦିନେ ମାତ୍ର ରହି କି ଅନୁସନ୍ଧାନ କରିବେ କିଛି ବୁଝା ଯାଉ ନାହିଁ । ସମ୍ଭବତଃ ସୁପ୍ରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଅଫିସରେ ବସି ଅଥବା ଅଗ୍ନିବୋଟରେ କାନାଲର କେତେକ ଅଂଶ ଭ୍ରମଣ କରି ସବୁ ବୁଝି ପାରିବେ ।

---

ବିଲାତର ସରକାରୀ କାଗଜରୁ ପ୍ରକାଶ ଯେ ବୁଅରଯୁଦ୍ଧରେ ସର୍ବସୁଦ୍ଧା ୪,୪୮,୧୩୫ ସୈନ୍ୟ ନିଯୁକ୍ତ ଥିଲେ ଯେ ସେମାନଙ୍କ ମଧ୍ୟରେ ନିଜ ବିଲାତରୁ ୩,୪୭,୧୫୯, ଭାରତରୁ ୧୮,୫୩୪ ଏବଂ ଉପନିବେଶମାନଙ୍କରୁ ୩୦,୩୨୮ ଆସିଥିଲେ ଏବଂ ୫୦,୪୪୫ ଦକ୍ଷିଣ ଆଫ୍ରିକାରେ ପ୍ରସ୍ତୁତ କରାଇଥିଲେ । ଯୁଦ୍ଧରେ ୫୧୮ ସରଦାର ଏବଂ ୫,୨୫୬ ସିପାହି ହତ ଏବଂ ୧,୮୫୧ ସରଦାର ଓ ୨୦,୯୭୮ ସିପାହି ଆହତ ହୋଇଥିଲେ ଏବଂ ଆଘାତ ଓ ରୋଗରେ ୫୫୪ ସରଦାର ଓ ୧୫,୭୧୫ ସିପାହି ମରି ପଡିଥିଲେ । ଏ ଯୁଦ୍ଧରେ ବିଲାତର ୨୨ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ହୋଇଅଛି । ଏଥିରୁ ପାଠକମାନେ ବୁଝିବେ ଯେ କେତେ ଜୀବନ ଓ ଅର୍ଥ କ୍ଷୟ କରି ଇଂଲଣ୍ଡ ଏ ଯୁଦ୍ଧରେ ଜୟଲାଭ କରିଅଛନ୍ତି ! ଧନ୍ୟ ଇଂଲଣ୍ଡର ବଳ ଓ ସାହସ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ପରମେଶ୍ୱରଙ୍କର ଅପାର କରୁଣାରୁ ଡୋମପଡ଼ା ରାଜାଙ୍କର ଗୋଟିଏ ପୁତ୍ରସନ୍ତାନ ଜନ୍ମଗ୍ରହଣ କରିଅଛନ୍ତି । ନବ କୁମାରଙ୍କ ନାମକରଣ ଗତ ତା ୪ ଇଣରେ ମହାସମାରୋହରେ ସମ୍ପନ୍ନ ହୋଇଥିଲା ଏବଂ ସ୍ଥାନୀୟ ଭଦ୍ରଲୋକଙ୍କ ସହିତ ଅନ୍ୟାନ୍ୟ ସ୍ଥାନରୁ କେତେକ ଭଦ୍ରଲୋକ ବରଣ ହୋଇ ଆସିଥିଲେ । ସନ୍ଧ୍ୟା ଘ ୭ ଘଟାରୁ ରାତ୍ରି ଘ ୧୦ ଘଟା ପର୍ଯ୍ୟନ୍ତ ବେଶ୍ୟାନାଚ, ବାଣ, ବାଦ୍ୟ, ନୃତ୍ୟ ଗୀତାଦି ବିବିଧ ଉତ୍ସବ ଅନୁଷ୍ଠିତ ହେଲା ଉକ୍ତ ଉତ୍ସବରୁ ପ୍ରାୟ ଏକ ସହସ୍ର ବ୍ରାହ୍ମଣ, ବୈଷ୍ଣବାଦିଙ୍କୁ

Digitized by srujanika@gmail.com

ଭୋଜନ ଓ ଦକ୍ଷିଣାରେ ସନ୍ତୁଷ୍ଟ କରି ବିଦାୟ ଦିଆଗଲା । ନିମନ୍ତ୍ରିତ ଭଦ୍ରଲୋକ, ରାଜକର୍ମଚାରୀ, ପଣ୍ଡିତ, ସାମନ୍ତ ସରବରାକାର, ଦଳଇ ପ୍ରଭୃତି ଯଥାଯୋଗ୍ୟ, ବ୍ୟବହାର ଓ ମର୍ଯ୍ୟାଦା ପାଇ ବିଦାୟ ହୋଇଅଛନ୍ତି ଏବଂ ସକଳ କାର୍ଯ୍ୟ ସୁଶୃଙ୍ଖଳରୂପେ ନିର୍ବାହ ହୋଇଥିବାର ସମସ୍ତେ କହୁଅଛନ୍ତି ।

---

ନୈବର୍ଷୀ ଛୁଟୀ ଦ ୨ ନ, ମହରମର ଦ ୫ ନ ମଧ୍ୟରୁ ଦ ୨ ନ ଦୋଲଯାତ୍ରା ଜନ୍ମାଷ୍ଟମୀ ଦ ୨ ନ ମଧ୍ୟରୁ ଏକଦିନ ଲେଖାଏ ଏବଂ ବାରୁଣୀ, ଗଙ୍ଗାସ୍ନାନ, ଅଣ୍ଣଙ୍ଗହାଇସମ୍ପା, ରଥ, ବାହୁଡ଼ା ଓ ସୁବେଚନ ଏ ସମସ୍ତ ପର୍ବର ଏକ ୨ ଦିନ ଯାଏ ଦ ୧୨ ନ କଚେରୀ ବନ୍ଦ କାଟି ଗୁଡ଼ଫ୍ରାଇଡେ ପର୍ବରେ ଦ ୪ ନ ବଢ଼ାଇବାର ପ୍ରସ୍ତାବ କରି ଜିଲ୍ଲା ଜଜମାନଙ୍କର ମତାମତ ଜାଣିବା କାରଣ କଲିକତାର ହାଇକୋର୍ଟ ଏକ ସର୍କୁଲର ଜାରୀ କରିଅଛନ୍ତି ଏବଂ ତଦନୁସାରେ ନାନାସ୍ଥାନ ଅଦାଲତର ମତ ସଂଗୃହୀତ ହେଉଅଛି । ଅମ୍ଭେମାନେ ଅନେକ ସ୍ଥଳରୁ ଅବଗତ ହେଲୁଁ ଯେ ଏଠାର ଜଜ ଏ ବିଷୟରେ ଉକିଲଙ୍କର ମତ ଲୋଡ଼ିବାରେ ଉକିଲମାନେ ଏକ ଯୋଗରେ ତହିଁର ବିରୁଦ୍ଧରେ ମତ ଦେଇଅଛନ୍ତି । ଭରସା କରୁଁ ଅନ୍ୟାନ୍ୟ ସ୍ଥାନର ଉକିଲମାନେ ଏହିପରି ମତ ଦେବେ । ବାସ୍ତବରେ ହିନ୍ଦୁ ଓ ମୁସଲମାନଙ୍କର ପର୍ବଉପଲକ୍ଷେ କଚେରୀବନ୍ଦ କାଟିଦେଇ ଖ୍ରୀଷ୍ଟିୟାନଙ୍କର ପର୍ବରେ ତାହା ଭରଣା କରିବା ଅତେବ ନିତାନ୍ତ ଅନ୍ୟାୟ ଅଟେ ପୁଣି ସମୟ ୨ ରେ ଦୁଇ ଏକଦିନ ବିଶ୍ରାମ ସ୍ଥଳେ ଏକ ସମୟରେ ଦୀର୍ଘକାଳ କାର୍ଯ୍ୟ ଏବଂ ଅନ୍ୟ ସମୟରେ ଅନାବଶ୍ୟକ ଦୀର୍ଘକାଳ ବିଶ୍ରାମ ସୁବିଧା ବା ହିତକର ନୁହେ, ହାଇକୋର୍ଟର ନିରପେକ୍ଷ ବିଚାରପତିମାନେ ଏପ୍ରକାର କଥାକୁ ମନରେ ସ୍ଥାନ ଦେଲେ ଏହା ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

ଶ୍ରୀଯୁକ୍ତ ଜେ, ଏନ, ଟାଟା ପାଠକମାନଙ୍କ ପାଖେ ଅପରିଚିତ ନୁହନ୍ତି । ତାହାଙ୍କର ପ୍ରଗାଢ଼ ଉଦ୍ୟମ ଏବଂ ଅଧ୍ୟବସାୟରେ ନାଗପୁରର ଲୁଗାବୁଣା କଲ ସ୍ଥାପିତ ହୋଇ ସମୃଦ୍ଧିକ ଲଭିଅଛି ଏବଂ ତାହାଙ୍କର ଅଦମ୍ୟ ଚେଷ୍ଟା ଓ ଯତ୍ନରେ ଭାରତରେ ଉତ୍କୃଷ୍ଟଜାତୀୟ କପା ଫସଲ ଏବଂ ସେ ତୁଳାଦ୍ୱାରା ସୂକ୍ଷ୍ମ ସୂତା ପ୍ରସ୍ତୁତ ହେଉଅଛି । ବାଣିଜ୍ୟ ବ୍ୟବସାୟର ବିସ୍ତାର ବିନା ଭାରତର କଲ୍ୟାଣର ଅନ୍ୟ ଉପାୟ ନାହିଁ ଏହା ସେ ଉତ୍ତମରୂପେ ବୁଝି ସ୍ୱଦେଶର ହିତକାମନାରେ ସର୍ବଦା ତହିଁର ଚେଷ୍ଟାରେ ଅଛନ୍ତି । ସମ୍ପ୍ରତି ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଯେ ଭାରତରେ ପ୍ରଚୁର ପରିମାଣରେ ଉତ୍କୃଷ୍ଟ ଲୁହା ଜନ୍ମ ହେଉଥିବା ପ୍ରତ୍ୟକ୍ଷେ ଅଳପ ବ୍ୟୟରେ ତାହା ଖଣିରୁ ବାହାର କରିବା ଓ ତଦ୍ୱାରା ନାନାକାର୍ଯ୍ୟ ଗଢ଼ିବାର ବ୍ୟବସାୟ ଏ ପର୍ଯ୍ୟନ୍ତ ଉତ୍ତମରୂପେ ଚଳିବାର ନ ଦେଖି ସେ ତତ୍ପ୍ରତି ବିଶେଷ ମନୋଯୋଗୀ ହୋଇ ଜର୍ମାନୀ ଓ ଆମେରିକାରୁ ତହିଁର ସୂତ୍ରମାନ ଶିକ୍ଷାକରି ଆସିଅଛନ୍ତି । ସେ ଏକ କୋଟି ଟଙ୍କାର ମୂଳଧନରେ ଗୋଟିଏ କୋମ୍ପାନୀ ସ୍ଥାପନ କରି ଖଣିରୁ ଲୁହା ବାହାର କରିବା ଏବଂ ରେଲବାଟ ପ୍ରଭୃତିର ଲୁହାକାର୍ଯ୍ୟ ଯୋଗାଇବାର ବୃହତ ବ୍ୟବସାୟ କରିବାକୁ ଏକାନ୍ତ ମନୋଯୋଗୀ ହୋଇଅଛନ୍ତି । ପରମେଶ୍ୱର ତାହାଙ୍କର ଉଦ୍ୟମ ସଫଳ କରନ୍ତୁ । ବାସ୍ତବରେ ଏପରି ଭାବରେ ଚେଷ୍ଟା ନ କଲେ ଉନ୍ନତି ସାଧନ ହୋଇପାରେ କି ?

---

ଗତ ମେଦିନୀବାନ୍ଧବରେ ମୟୂରଭଞ୍ଜର ସମ୍ବାଦ ଶୀର୍ଷକ ଖଣ୍ଡିଏ ପ୍ରେରିତପତ୍ର ପ୍ରକାଶିତ ହୋଇଅଛି । ସମ୍ବାଦଦାତା ଶ୍ରୀଯୁକ୍ତ ବ୍ରଜମୋହନ ଶେଖର ମୁକ୍ତାର ଲେଖିଅଛନ୍ତି କି ବାଙ୍କୁଡ଼ା ବଳିଷ୍ଟପୁର ନିବାସୀ ପଣ୍ଡିତ ଉମେଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ବାରିପଦାଗଡ଼କୁ ଗତ ଶ୍ରାବଣମାସରେ ଆସି ରାଜା ଏବଂ ନଗରସ୍ଥ ଲୋକମାନଙ୍କୁ ଶ୍ରୀଭାଗବତ କଥା ଶୁଣାଉଅଛନ୍ତି । ଏବଂ ତାହାଙ୍କର ଯୁକ୍ତିପୂର୍ଣ୍ଣ ଆଧ୍ୟାତ୍ମତତ୍ତ୍ୱ, ସ୍ତବଗୀତର ଯୋଗତତ୍ତ୍ୱର ବିଶଦ ବ୍ୟାଖ୍ୟା ଏବଂ ସଙ୍ଗୀତାଦି ଶ୍ରବଣରେ ମହାରାଜା ଅତ୍ୟନ୍ତ ପ୍ରୀତ ହୋଇଅଛନ୍ତି । ରାଜବାଟୀରେ ବିରାଜିତ ଦେବୀ କୀଚକେଶ୍ୱରୀଙ୍କ ପ୍ରତି ଗୁରୁବାର ଛାଗବଳି ଏବଂ ଆଶ୍ୱିନ ଦୁର୍ଗୋତ୍ସବ କାଳରେ ସପ୍ତମୀଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ଗୋ ୧୬ ଟା ମହିଷ ଏବଂ ବହୁତର ଛାଗବଳି ଦାନର ପ୍ରଥା ବହୁକାଳରୁ ଚଳି ଆସୁଅଛି । ଏକ ଦିନ ପଣ୍ଡିତ ମହାଶୟ ବକ୍ତୃତା ସମୟେ କଥା ପ୍ରସଙ୍ଗରେ ସାତ୍ତ୍ୱିକ ପୂଜାର ମହିମା ଏବଂ ବଳିଦାନର ଦୋଷ କୀର୍ତ୍ତନ କରିବାରେ ତାହା ଶୁଣି ଧାର୍ମିକ ମହାରାଜା ଗୁରୁବାରର ବଳିଦାନ ବନ୍ଦ କରି ଆଶ୍ୱିନ ପୂଜାର ବଳିଦାନ ମଧ୍ୟ ରହିତ କରିବାର ଆଦେଶ ଦେଇଅଛନ୍ତି । ଅତଃପର ହିଙ୍ଗୁ ତଣ୍ଡୁଳ ଏବଂ ରସୁନ ପିଆଜ ରହିତ ହୋଇ କେବଳ ଆତପ ତଣ୍ଡୁଳାଦିଦ୍ୱାରା ସାତ୍ତ୍ୱିକ ଅର୍ଚ୍ଚନାର ବିଧାନ ହୋଇଅଛି । ଦେବୀଙ୍କ ନିକଟରେ ବଳିଦାନ ପ୍ରଥା ଅନେକ ସ୍ଥାନରେ ବିଶେଷତଃ ଆଶ୍ୱିନ ଦୁର୍ଗୋତ୍ସବ ସମୟରେ ଓଡ଼ିଶାର ସମସ୍ତ ଗଡ଼ଜାତରେ ଏବଂ ଅନ୍ୟାନ୍ୟ କେତେକ ସ୍ଥାନରେ ପ୍ରଚଳିତ ଅଛି । ଏହା ଶାସ୍ତ୍ରାନୁସାରେ ଯାହାହେଉ ଦେଖିବାକୁ ବଡ଼ ଦୃଷ୍ଟିକଟୁ । ପଣ୍ଡିତ ମହାଶୟ ଅନ୍ୟାନ୍ୟ ଗଡ଼ଜାତ ବୁଲି ଏହା ରହିତ କରି ପାରିଲେ ଭଲ ହେବ । ଏଥିରେ ମାଂସ ଭୋଜନର ପ୍ରବୃତ୍ତି ଉଣା ହୋଇପାରେ ଅନ୍ତତଃ ମୃଗୟା ଲବ୍ଧ ମାଂସରେ ଆବଦ୍ଧ ରହିବ ।

---

ବାଲେଶ୍ୱରର ଫୌଜଦାରୀ ଅଦାଲତରେ ଗୋଟିଏ ଅଭିନବ ମୋକଦ୍ଦମା ଉପସ୍ଥିତ ହେବାର ସମ୍ବାଦ ପାଇଅଛୁଁ । ତହିଁର ବିବରଣ ଏହି କି ସେ ନଗରର ଜଣେ ମହାଜନ ବାବୁ ଯଦୁନାଥ ସେନ ଏକଦା କେତେକ ଭଦ୍ରଲୋକଙ୍କୁ କୌଣସି କ୍ରିୟା ଉପଲକ୍ଷେ ଭୋଜନର ନିମନ୍ତ୍ରଣ କରିଥିଲେ । ଆମନ୍ତ୍ରିତ ବ୍ୟକ୍ତିଙ୍କ ମଧ୍ୟରେ ସେଠାର ଜଣେ ମୁକ୍ତାର ବାବୁ ବୈଦ୍ୟନାଥ ଚୌଧୁରୀ ଥିଲେ । ସେ ଜାତିରେ ବ୍ରାହ୍ମଣ ଅଟନ୍ତି । ପ୍ରଥମେ ମିଷ୍ଟାନ୍ନାଦି ପରିବେଷଣ ହୋଇ ଶେଷକୁ ପଲାନ୍ନ ( ପଲାଉ ) ଗଲାବାରୁ ବ୍ରାହ୍ମଣ ପତ୍ର ଛାଡ଼ି ଉଠି ଛିଡ଼ା ହେଲେ ଏବଂ କଥିତ ଅଛି ସେ ପତ୍ରମାନ ଉଠାଇ ନିଆଯାଇ ବ୍ରାହ୍ମଣମାନଙ୍କ ସକାଶେ ନୂଆ ପତ୍ରପାରି ହୋଇଥିଲା । ନିଷିଦ୍ଧାନ୍ନ ପରିବେଷଣ ଘଟିତ ହୋଇଥିବା ହେତୁରେ ବୈଦ୍ୟନାଥ ଚୌଧୁରୀ ଯଦୁନାଥ ସେନଙ୍କ ନାମରେ ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଦରଖାସ୍ତ ଦିଅନ୍ତେ ମୋକଦ୍ଦମା ତଦନ୍ତ ନିମନ୍ତେ ରାଜା ବାହାଦୂର ଅନରେରି ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଗଲା ଏବଂ ସେ କୌଣସି ଅପରାଧ ହୋଇ ନ ଥିବାର ରିପୋର୍ଟ ଦେଲେ । ମାତ୍ର ବାବୁ ଜୟନାଞ୍ଜନ ଭଟ୍ଟାଚାର୍ଯ୍ୟ ଡେପୁଟି ମାଜିଷ୍ଟ୍ରେଟ ଦଣ୍ଡବିଧି ଆଇନର ଧା ୨୯୭ ଘ ଅନୁସାରେ ମହାଜନ ନାମରେ ସମନଜାରୀ କଲେ । ଏହି ସମନ ବିରୁଦ୍ଧରେ ଯଦୁନାଥ କଟକ ଜିଲ୍ଲାର ଜଜ ସାହେବଙ୍କଠାରେ ମୋସନ କଲେ ଓ ସାହେବ ମହୋଦୟ ହାଇକୋର୍ଟକୁ ରିପୋର୍ଟ କଲେ । ମାତ୍ର ହାଇକୋର୍ଟ ତହିଁରେ ହସ୍ତକ୍ଷେପ କରିବାକୁ ନାସ୍ତି କରି ମୋକଦ୍ଦମା ନିମ୍ନରେ ଚଳିବାର ଆଦେଶ ଦେଲେ । ଅତଏବ ବାବୁ ଅଶ୍ୱିନୀଘୋଷଦତ୍ତ ଡେପୁଟି ମାଜିଷ୍ଟ୍ରେଟଙ୍କ ଅଦାଲତରେ ମୋକଦ୍ଦମା ଚଳୁଅଛି ଏବଂ ଏଥି ମଧ୍ୟରେ ରାଜା ବାହାଦୂର ଏବଂ ଅନ୍ୟାନ୍ୟ କେତେକ ଭଦ୍ରଲୋକଙ୍କର ସାକ୍ଷ ନିଆଯାଇଅଛି । ଏ ମାମଲା ଯୋଗୁ ସେଠା ଲୋକଙ୍କ ମଧ୍ୟରେ ହଲଚଲ ପଡ଼ି ଯାଇଅଛି ଏବଂ ତହିଁର ଫଳ ଦେଖିବାକୁ ସମସ୍ତେ ବ୍ୟସ୍ତ ଅଛନ୍ତି ।

---

Split by PDF Splitter

Digitized by srujanika@gmail.com

Split by PDF Splitter



କଲିକତା ନଗରର ଦେଶୀୟ ସମାଜର ସର୍ବାଗ୍ରଗଣ୍ୟ ମହାରାଜା ସର ଯତୀନ୍ଦ୍ରମୋହନ ଠାକୁରଙ୍କର ପୁତ୍ର ମହାରାଜ କୁମାର ପ୍ରଦ୍ୟୋତକୁମାର ଠାକୁର ବିଲାତର ଅଭିଷେକ କ୍ରିୟାରେ ଯୋଗ-ଦେବା କାରଣ କଲିକତାରୁ ଅନ୍ତର୍ହିତ ହୋଇ ଯିବାର ଏବଂ ଅଳ୍ପଦିନ ହେଲା ସ୍ୱଗୃହକୁ ଫେରି-ଆସିବାର ପାଠକମାନଙ୍କୁ ଜଣାଅଛି । ତାହାଙ୍କର ଅଭ୍ୟର୍ଥନା ନିମନ୍ତେ ଗତ ଶନିବାର ସନ୍ଧ୍ୟାବେଳେ ତାହାଙ୍କର ବନ୍ଧୁମାନେ ବେଲଗଛିଆ ଉଦ୍ୟାନ ଭବନରେ ଏକ ସଭା କରିଥିଲେ ଏବଂ ବାବୁ ସାରଦାଚରଣ ମିତ୍ର ଯେ କି ଅଳ୍ପକାଳ ପୂର୍ବେ କଲି-କତା ହାଇକୋର୍ଟର ଏକଟିଂ ବିଚାରପତି ହୋଇ ବହୁ ସୁଖ୍ୟାତି ଲାଭ କରିଅଛନ୍ତି ସେହି ସଭାର ସଭାପତି ହୋଇଥିଲେ । ଠାକୁର ମହାଶୟ ସେଠାରେ ପହଞ୍ଚିବା ମାତ୍ରେ ଅଭ୍ୟର୍ଥନା କମିଟିର ସେକ୍ରେଟରୀ ପ୍ରଭୃତି ତାହାଙ୍କୁ ସମ୍ମାନ ପୂର୍ବକ ଗୃହ-ମଧ୍ୟକୁ ଆଣି ଆସନରେ ବସାଇଲାରୁ ସଭାପତି ମହାଶୟ ତାହାଙ୍କୁ ସମ୍ବୋଧନ କରି କହିଲେ କି ଗବର୍ଣ୍ଣମେଣ୍ଟ ଆପଣଙ୍କୁ କଲିକତାର ପ୍ରତିନିଧି ସ୍ୱରୂପ ବିଲାତକୁ ପଠାଇବା ସଫଳ ହୋଇଅଛି । କାରଣ ଆପଣ ଇଂଲଣ୍ଡର ରାଜସିଂହାସନ ଏବଂ ଇଂଲଣ୍ଡବାସିଙ୍କ ପ୍ରତି ଭାରତବାସିଙ୍କର ପ୍ରଗାଢ଼ ଭକ୍ତି ଓ ଶ୍ରଦ୍ଧା ଉତ୍ତମରୂପେ ଜଣାଇ ଦେବାକୁ ସକ୍ଷମ ହୋଇଅଛନ୍ତି ଏବଂ ଇଂଲଣ୍ଡବାସିଙ୍କ ସହିତ ଭାରତବାସିଙ୍କର ବନ୍ଧୁତା ଓ ସଦ୍ଭାବ ବଢ଼ାଇ-ଅଛନ୍ତି ଏବଂ ଆପଣଙ୍କର ଆଳାପ ଓ ବ୍ୟବହାରରେ ଏହା ଇଂଲଣ୍ଡ ବାହାର ଭାରତ ଅନ୍ୟ ଯେ ସମସ୍ତ ସ୍ଥାନରେ ଭ୍ରମଣ କରିଅଛନ୍ତି ସେଠା ଲୋକମାନେ ସନ୍ତୁଷ୍ଟ ହୋଇଅଛନ୍ତି ଏଥିପାଇଁ ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇ ଆପଣଙ୍କୁ ଅଭ୍ୟର୍ଥନା କରୁଅଛୁଁ । ମହାରାଜ କୁମାର ମହୋଦୟ ତାହାଁର ଉତ୍ତରରେ ସଭା ନିକଟରେ କୃତଜ୍ଞତା ପ୍ରକାଶ ଏବଂ ଅଭିଷେକ ସମ୍ବନ୍ଧୀୟ ରାଜଦର୍ଶନ ବିଷୟରେ କେତେ କଥା କହିଲେ, ତଦନ୍ତର କଥାବାର୍ତ୍ତା, ଜଳପାନ, ନାଚ, ଗୀତ, ଆତସବାଜି ଇତ୍ୟାଦି ଆମୋଦ ପ୍ରମୋଦରେ ପ୍ରାୟ ଅର୍ଦ୍ଧଘଣ୍ଟା କଟାଇ ସଭା ଭାଙ୍ଗି ଯେ ଯାହା ଘରକୁ ଫେରିଗଲେ । କଲିକତାର କେତେକ ଲୋକଙ୍କୁ ଏ ବ୍ୟାପାର ସୁଖକର ବୋଧ ହୋଇ ନ ଥିବାର ବଙ୍ଗଳାର ସମ୍ବାଦପତ୍ର ବିଶେଷରେ ପାଠକରି ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଅଛୁଁ । ମହାରାଜ-କୁମାରଙ୍କୁ ଯେ ସ୍ଥଳେ ଗବର୍ଣ୍ଣମେଣ୍ଟ ପ୍ରତିନିଧି ମନୋନୀତ କରି ପଠାଇଲେ ଏବଂ କୁମାର ମହୋଦୟ ପ୍ରଶଂସନୀୟ ଦକ୍ଷତା ସହିତ ଆପଣା କର୍ତ୍ତବ୍ୟ କାର୍ଯ୍ୟ ସାଧନପୂର୍ବକ ବିଲାତର ସମ୍ବାଦ-ପତ୍ର ଓ ଜନସାଧାରଣଙ୍କଠାରୁ ଯଶଃ ଲଭିଲେ ସେ ସ୍ଥଳେ କଲିକତାବାସିଙ୍କଦ୍ୱାରା ସମ୍ମାନିତ ହୋଇ ନ ଥିବା କାରଣରେ ଏତେବେଳେ ତାହାଁର ପ୍ରତିବାଦ କରିବା କୁରୁଚି ଏବଂ ଗୃହ ବିଚ୍ଛେଦର ନିଦର୍ଶନ ବିନା ଆଉ କ'ଣ ବୋଲାଯିବ ।

---

## ସଂସ୍କୃତ ଛାତ୍ରବୃତ୍ତି

୧୯୦୬ ସାଲର ସଂସ୍କୃତ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନିମ୍ନଲିଖିତ ଛାତ୍ର ଓ ଶିକ୍ଷକମାନେ ବୃତ୍ତି ପାଇଅଛନ୍ତି ।

କଟକ ସଂସ୍କୃତ କମିଟି ।

| ଛାତ୍ରର ନାମ | ଟୋଲ ଓ ସ୍ଥାନ ବା ଟୋଲର ନାମ | ମାସିକବୃତ୍ତି |
|---|---|---|
| ରଘୁନାଥ ଆଚାର୍ଯ୍ୟ | ଓଡ଼ିଶା ସଭଟୋଲ, ପୁରସନ | ଟ ୨( |
| ରାମଚନ୍ଦ୍ର ମହାପାତ୍ର | କଟକ, ପଦ୍ମାଳୟ | ଟ ୨( |
| ଶ୍ରୀଦେବ ପତପତି | କଟକ, ବଳଦେବଜୀଉ | ଟ ୨( |
| | ବାଲେଶ୍ୱର ସଂସ୍କୃତ କମିଟି | |
| ରାଧାକୃଷ୍ଣ ପଣ୍ଡା | ବାଲେଶ୍ୱର, ଭଦ୍ରା | ଟ ୨( |
| ବୃନ୍ଦାବନ ଷଡ଼ଙ୍ଗୀ | ବାଲେଶ୍ୱର ଅଗସ୍ତି ଟୋଲ | ଟ ୨( |
| | ପୁରୀ ଜଗନ୍ନାଥ କମିଟି | |
| ଉଦୟନାଥ ମହାପାତ୍ର | ପୁରୀ ରଘୁନନ୍ଦନ ଟୋଲ | ଟ ୨( |
| | ୨ୟ ପରୀକ୍ଷାର ଫଳ | |
| ଜଗନ୍ନାଥ ମିଶ୍ର | ପୁରୀ ସଂସ୍କୃତ ଟୋଲ | ଟ ୩( |
| ଦାମୋଦର ଆଚାର୍ଯ୍ୟ | କଟକ ପଦ୍ମାଳୟ ମଠ | ଟ ୩( |
| ରାମଚନ୍ଦ୍ର ମିଶ୍ର | ପୁରୀ ସଂସ୍କୃତ ସ୍କୁଲ | ଟ ୩( |

ପ୍ରଥମ ସଂସ୍କୃତ ପରୀକ୍ଷାର ଫଳ ଦେଇ ନିମ୍ନଲିଖିତ ଶିକ୍ଷକମାନେ ବୃତ୍ତି ପାଇଅଛନ୍ତି ।

| ଶିକ୍ଷକର ନାମ | କମିଟି ଓ ଟୋଲର ନାମ | ମାସିକବୃତ୍ତି |
|---|---|---|
| ଗୋପୀଚରଣ ଆଚାର୍ଯ୍ୟ | ବାଲେଶ୍ୱର ସଂସ୍କୃତ କମିଟି ଭଦ୍ରା | ଟ ୫( |
| ଅର୍ଜୁନ ଦାସ କରଣ | ,, ,, ଶ୍ୟାମସୁନ୍ଦର ଟୋଲ | ଟ ୫( |
| ପଦ୍ମନାଭ ଦାଶ | ଓଡ଼ିଶା ସଂସ୍କୃତ କମିଟି ତାଳଚେର | ଟ ୫( |
| ଗଙ୍ଗାଧର ଷଡ଼ଙ୍ଗୀ | ପୁରୀ ଜଗନ୍ନାଥ କମିଟି ବିମଳାଙ୍କ | ଟ ୫( |
| | ୨ୟ ପରୀକ୍ଷାରେ | |
| ନୃସିଂହ ଆଚାର୍ଯ୍ୟ | କଟକ ଓଡ଼ିଶା ସଂସ୍କୃତ କମିଟି, ପଦ୍ମାଳୟ ମଠ | ଟ ୧୨( |
| ନୃପମେଶ୍ୱର ଆଚାର୍ଯ୍ୟ | ,, ,, ବଳଦେବଜୀଉ | ଟ ୧୦( |
| ଚୈତନ୍ୟ ମିଶ୍ର | ପୁରୀ ଜଗନ୍ନାଥ କମିଟି ପୁରୀ ସଂସ୍କୃତ ସ୍କୁଲ | ଟ ୧୦( |
| ଗଦାଧର ତ୍ରିପାଠୀ | ,, ଉଦ୍ଧବଦାସ ଟୋଲ | ଟ ୧୨( |
| ରାମଚନ୍ଦ୍ର ଶାସ୍ତ୍ରୀ | ବାଲେଶ୍ୱର ସଂସ୍କୃତ କମିଟି, ମୟୂରଭଞ୍ଜ | ଟ ୧୦( |

---

## ଦିଲ୍ଲୀ ଦରବାର

ଦିଲ୍ଲୀ ଦରବାର ଦିଲ୍ଲୀର ଲଡ଼ୁ ପ୍ରାପ୍ତ ହୋଇ-ଅଛି କି ନାହିଁ ସମ୍ବନ୍ଧରେ ପ୍ରବାଦ ଅଛି କି ଯେ ଖାଏ ସେ ପସ୍ତାଏ ଓ ଯେ ନ ଖାଏ ସେହି ପସ୍ତାଏ ଅର୍ଥାତ୍ ପଶ୍ଚାତ୍ତାପ କରେ । ୧୦ । ୧୨ ହଜାର ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଦରବାର, ୪୦ ହଜାର ସୈନ୍ୟର ପରେଡ୍, ଭାରତର ସକଳ ସ୍ଥାନର ଉତ୍କୃଷ୍ଟ କ୍ରିକେଟର ପ୍ରଦର୍ଶନୀ, ୭ । ୮ ମାଇଲ ବ୍ୟାପୀ ଯନ୍ତ୍ରସ୍ଥାନର ବିଚିତ୍ର ଶୋଭା, ସ୍ୱେଚ୍ଛାର ଆତସବାଜି ବୈଦ୍ୟୁତିକ ଆଲୋକ ଓ ନାନା ପ୍ରକାର କ୍ରୀଡ଼ା, ଆମୋଦ ପ୍ରମୋଦ ଯାହା କି ଭାରତରେ ଇଂରାଜ ଅମଳରେ କେବେ ହୋଇ ନାହିଁ କି ଭବିଷ୍ୟରେ ହେବ ନାହିଁ ତାହା ଦେଖିବାକୁ କାହାର ମନ ବ୍ୟସ୍ତ ନ ହେବ ? ବାସ୍ତବ ସେଠାରେ ଏତେ ଜନତା ହେବ ଯେ ଆମନ୍ତ୍ରଣ ବ୍ୟକ୍ତି ଛଡ଼ା ଅନ୍ୟମାନଙ୍କ ଭାଗ୍ୟରେ ସକଳ ବ୍ୟାପାର ଦେଖିବାର ସୁଯୋଗ ଘଟିବ କି ନାହିଁ ସନ୍ଦେହ । ଯେଉଁମାନେ ଆମନ୍ତ୍ରଣ ପାଇ ନାହାନ୍ତି ସେମାନେ ଏତେ ତମାସାର ବ୍ୟାପାର ଦେଖି ପାରିବେ ନାହିଁ ବୋଲି ବ୍ୟସ୍ତ, ଆଉ ଯେମାନେ ତାହା ପାଇଅଛନ୍ତି ସେମାନେ ତାହା ରକ୍ଷା କରିବାର ବ୍ୟୟ ଯୋଗାଇବାକୁ ବ୍ୟସ୍ତ । ଅତ୍ୟାବଶ୍ୟ ପ୍ରୟୋଜନ ମଧ୍ୟରେ ରହିବାକୁ ବସାଘର ଏବଂ ବୁଲିବାକୁ ଗାଡ଼ି ନିତାନ୍ତ ଆବଶ୍ୟକ । ଏଥିକୁ ଏଥିମଧ୍ୟରେ ଏକ ବଖରା ଘରର ଭଡ଼ା ଏକହଜାରଠାରୁ ତିନିହଜାର ପର୍ଯ୍ୟନ୍ତ ଡାକ ହେଲାଣି ଏବଂ ଗାଡ଼ିବାଲାମାନେ ହଜାର ଟଙ୍କା ଗାଡ଼ିଭଡ଼ା ମାଗୁଅଛନ୍ତି । ରାଜା ରାଜଡ଼ାଙ୍କର ଯୋଗ୍ୟ ଘରଭଡ଼ା ଶୁଣିଲେ ଆଶ୍ଚର୍ଯ୍ୟ ହେବ । ମଣିପୁରର ମହାରାଜା ଅଠାଇଶ ହଜାର, କୁଚ-ବିହାରର ମାନେଜର ଦଶ ହଜାର, ହାଇଦରା-ବାଦର ନିଜାମ ୫ ଲକ୍ଷ ଏବଂ ମହାରାଜା ଯୋଗୀନ୍ଦ୍ରମୋହନ ଠାକୁର ବାରହଜାର ଟଙ୍କା-ରେ ଘରଭଡ଼ା ନେଇଅଛନ୍ତି । ଦୋକାନୀମାନେ ଆପଣା କୋଠାର ଛାତ ଉପରେ ଏକପ୍ରକାର ଘର କରିବାରେ ବ୍ୟସ୍ତ ଅଛନ୍ତି ଯେ ସେ ସବୁ ଭଡ଼ା ଦେଇ କିଛି ଲାଭ କରିବେ । ଫଳତଃ ଦିଲ୍ଲୀବା-ସିଙ୍କ ଘରିରେ ପଞ୍ଚମବୃହସ୍ପତିଯୋଗ ଘଟିଅଛି । ଏହା ନିଷ୍ଫଳ ହେବ ନାହିଁ । ଏପରି ଅନ୍ୟାନ୍ୟସ୍ଥାନର କେତେ ବଣିକ କେତେ ପ୍ରକାର ମନୋହର ଦ୍ରବ୍ୟ ନେଇ ବିକ୍ରୟ ନିମନ୍ତେ ଏବଂ ଗୁଣିମାନେ ଗୁଣ ଦେଖାଇବା କାରଣ ସେଠାରେ ଜୁଟି ହେଉଅଛନ୍ତି । ସେମାନଙ୍କର ଯତ୍ନ ଓ ପରିଶ୍ରମ ଅବଶ୍ୟ ଫଳପ୍ରଦ ହେବ । ଏହା ବୋଲି କାହା-ରିତ ନ ଯିବାର ପରାମର୍ଶ ଦେବା ଆମ୍ଭମାନଙ୍କର ଅଭିପ୍ରାୟ ନୁହେଁ । ବ୍ୟୟର କଥାଟି ଜଣାଇ ଦେବାର ଉଦ୍ଦେଶ୍ୟ ଏହି କି ଯେଉଁମାନେ ଦେଖିବାକୁ ଯିବେ ସେମାନେ ଯଥାସାଧ୍ୟ ପ୍ରସ୍ତୁତ ହୋଇ ଯିବେ । ଯେମନ୍ତ କି ଖର୍ଚ୍ଚ ନ ଅଣ୍ଟିବାରୁ ଆମୋଦ ପ୍ରମୋଦ ସମ୍ପୂର୍ଣ୍ଣ ଭୋଗ କରିବାକୁ ବଞ୍ଚିତ ହେବେ ନାହିଁ । ନିମନ୍ତ୍ରଣ ରକ୍ଷା କରିବା ନିତାନ୍ତ କର୍ତ୍ତବ୍ୟ ବିଶେଷତଃ ରାଜସଭାରେ ! ପୁଣି କୌଣସିଠାରେ ବିନା ବ୍ୟୟରେ ସମ୍ମାନ-

Digitized by srujanika@gmail.com

Split by PDF Splitter



ସହିତ ଇଷା ହୁଅଇ ନାହିଁ । ଅତଏବ ଦର୍ଶକ ଯାହାର ବଳ ଅଛି ତାହାର ମଧ୍ୟ ଏ ଦୃଶ୍ୟରୁ ଅନ୍ତର ରହିବା ଉଚିତ ନୁହେ । ଅବଶ୍ୟ ସମସ୍ତ ଦର୍ଶକ ସକଳ ବ୍ୟାପାର ସହଜରେ ଦେଖିବାର ସୁଯୋଗ ପାଇବେ ଏମନ୍ତ ଆଶା କରାଯାଇ ନ ପାରେ । ଗବର୍ଣ୍ଣମେଣ୍ଟ ଏହା ଜାଣିପାରି ଦେଶୀୟ ଭଦ୍ରଲୋକଙ୍କ ସହାଣେ ଏହି ନିୟମ କରିଅଛନ୍ତି କି ଯାହାଙ୍କର ଦରବାର ଦେଖିବାର ଇଚ୍ଛା ହେବ ସେମାନେ ଅବିଲମ୍ବେ ଜିଲା କଲେକ୍ଟରଙ୍କ ନିକଟରେ ଆବେଦନ କରିବେ ଏବଂ ବିଭାଗୀୟ କମିଶନରମାନେ ସେମାନଙ୍କର ତାଲିକା ଆସନ୍ତାମାସ ତା ୧ ରିଖରେ ପଠାଇବେ । ତାଲିକା ପାଇଲା ଉତ୍ତାରୁ ଯେତେ ଲୋକଙ୍କ ସହାଣେ ବସିବାର ସ୍ଥାନ ହେବ ତେତେ ଲୋକଙ୍କ ସହାଣେ ଗବର୍ଣ୍ଣମେଣ୍ଟ ଟିକେଟ ପଠାଇ ଦେବେ । ଏଥିପାଇଁ ଆଉ ଦ ୨ ନ ମିଆଦ ଅଛି ସୁତରାଂ ଦର୍ଶନାଭିଳାଷିମାନେ ତତ୍ପର ହେଉନ୍ତୁ ।

---

### ସ୍ଥାନୀୟ ଅଭିଷେକୋତ୍ସବ ।

ଭାରତର ନାନା ସ୍ଥାନର ଅଭିଷେକୋତ୍ସବ ସମ୍ବନ୍ଧରେ ଭାରତଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଓ ଆଦେଶ ପାଠକମାନଙ୍କୁ ଜଣାଇଅଛୁଁ । ତହିଁର ସଂକ୍ଷେପ ମର୍ମ ଏହି କି ପ୍ରତ୍ୟେକ ଜିଲ୍ଲାର ସଦର ସ୍ଥାନରେ ରାଜଘୋଷଣା ପାଠ, ଜିଲା କଚେରି ଓ ଅଦାଲତ କଚେରି ସରମାନ ରୋଶନାଇ, ଯୋଗ୍ୟତାର ସାର୍ଟିଫିକେଟ ବିତରଣ, ରୋଶନାଇ, ବାଣ, ଦରିଦ୍ର ସେବା ଏବଂ ସ୍କୁଲବାଳକଙ୍କର ବାଲ୍ୟଲୀଳା ହେବ । ଯେଉଁଠାରେ ସୁବିଧା ଘଟିବ ସେଠାରେ ଦରବାର ହେବ । ଜିଲ୍ଲାର ସଦରସ୍ଥାନ ଭିନ୍ନ, ସବଡିଭିଜନ ଇତ୍ୟାଦିର ସଦରସ୍ଥାନ ଓ ଅନ୍ୟ ଯେତେ ସ୍ଥାନରେ ଦରିଦ୍ରସେବା ଏବଂ ରୋଶନାଇ, ବାଣ, ବାଲଲୀଳା ଇତ୍ୟାଦି ମଧ୍ୟରୁ ଯାହା ହୋଇପାରେ ତାହା ହେବ । ଯଦ୍ୟପି କି ଜାନୁଆରୀମାସ ତା ୧ ରିଖରେ ଏ ସମସ୍ତ ହେବ ବୋଲି ଗବର୍ଣ୍ଣମେଣ୍ଟ କହିଅଛନ୍ତି ମାତ୍ର ତା ୮ ରିଖ ପର୍ଯ୍ୟନ୍ତ କଚେରି ବନ୍ଦ କରିବାର ଇଚ୍ଛା ପ୍ରକାଶ କରିଥିବାରୁ ସ୍ପଷ୍ଟ ଜଣା ଯାଉଅଛି ଭିନ୍ନ ଭିନ୍ନ ଅନୁଷ୍ଠାନ ଭିନ୍ନ ଭିନ୍ନ ଦିନରେ ହେଲେ କ୍ଷତି ନାହିଁ । ବାସ୍ତବରେ ଏକଦିନରେ ସକଳ କାର୍ଯ୍ୟ ସମାଧା ହୋଇ ପାରିବ ନାହିଁ ଏବଂ ଏକସପ୍ତାହକାଲ ଉତ୍ସବ ଲାଗିରହିବା ବାଞ୍ଛନୀୟ । ସନ ୧୮୭୭ ସାଲ ତା ୧ ରିଖ ଜାନୁଆରୀରେ ସ୍ୱର୍ଗୀୟା ଭିକ୍ଟୋରିଆ ଦେବୀଙ୍କର ଭାରତେଶ୍ୱରୀ ପଦ ଗ୍ରହଣ ଉପଲକ୍ଷରେ ଏ ନଗରରେ ସପ୍ତାହକାଲ ବ୍ୟାପୀ ଉତ୍ସବ ହୋଇଥିଲା ଏବଂ ତହିଁର ଉପରଲିଖିତ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଯଥା—

ପ୍ରଥମଦିନ—ମଧ୍ୟାହ୍ନକାଳରେ ଦରବାର ।

୨ ୟ „—ସାୟଂକାଳରେ ରୋଶନାଇ ଓ ଆତସବାଜି ।

୩ ୟ „—ସ୍କୁଲ ବାଳକମାନଙ୍କର ଖେଳ, କୁସ୍ତି, ସରକସ ଭୋଜବାଜି ଇତ୍ୟାଦି ମଧ୍ୟାହ୍ନଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ।

୪ ର୍ଥ—ମଧ୍ୟାହ୍ନରେ କମିଶନର ସାହେବଙ୍କର କୋଠିରେ ଇଉରୋପୀୟମାନଙ୍କର ସମ୍ମିଳନ ।

୫ ମ—ଏନ୍ନ ଏକ୍ସ ଦେଶୀୟ ଲୋକଙ୍କର ଘଡି ଦରବାର ଘରରେ ନୃତ୍ୟଗୀତାଦିର ମଜଲିସ ଏବଂ ନଗରର ସ୍ଥାନେ ସ୍ଥାନେ ଯାତ୍ରା ଇତ୍ୟାଦି ।

୬ ଷ୍ଠ—ସକାଳେ ଘୋଡ଼ାଦୌଡ଼ ଏବଂ ରାତିରେ ନୃତ୍ୟଗୀତାଦିର ମଜଲିସ ।

୭ ମ—ଦରିଦ୍ରମାନଙ୍କୁ ମିଷ୍ଟାନ୍ନ ଏବଂ ବସ୍ତ୍ରାଦି ବିତରଣ ରୋଶନାଇ ବାଣ ଇତ୍ୟାଦିର ବ୍ୟୟ ନିମନ୍ତେ ଗବର୍ଣ୍ଣମେଣ୍ଟ ଓଡ଼ିଶାର ସଦରସ୍ଥାନ ଏହି କଟକନଗରକୁ ଟ ୪୦୦୦ ଙ୍କା ଦେଇଥିଲେ ଏବଂ ଏଠାରେ ଦରବାର ହୋଇଥିବା ହେତୁ ସମସ୍ତ ରାଜା ଜମିଦାର ଏକତ୍ର ହେବାରୁ ଟ ୪୫୫୧ ଙ୍କା ଚାନ୍ଦା ଉଠିଥିଲା ଏବଂ ତଦ୍ୱାରା ସମସ୍ତ କାର୍ଯ୍ୟ ଅତି ସୁନ୍ଦରରୂପେ ନିର୍ବାହିତ ହୋଇଥିଲା । ଏଥର ଗବର୍ଣ୍ଣମେଣ୍ଟ କିଛି ମାତ୍ର ଦେବାର ସ୍ପଷ୍ଟ କହି ନାହାନ୍ତି ଏବଂ ଆଶୟରୁ ଜଣା ଯାଉଅଛି ଯେ କେବଳ ସଦର କଚେରି ଘର ଓ ଟେଲିଗ୍ରାଫ ଓ ଡାକଘରର ରୋଶନାଇ ଖରଚ ଛଡ଼ା ଆଉ କିଛି ଦେବେ ନାହିଁ । ଅଥଚ ପ୍ରତ୍ୟେକ ଜିଲ୍ଲାର ସଦରସ୍ଥାନରେ ଘୋଷଣାପତ୍ର ପାଠ ରୋଶନାଇ ଇତ୍ୟାଦିର ଆଦେଶ ଥିବାରୁ ସମସ୍ତ ପ୍ରଦେଶର ବଡ଼ଲୋକ ଏଠାରେ ଉପସ୍ଥିତ ହେବା ସୁତରାଂ ଅଧିକ ଚାନ୍ଦା ହେବାର ଆଶା ନାହିଁ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ସେଥରର ସମାରୋହ ଏଥର ହୋଇ ପାରିବ ନାହିଁ । ଗବର୍ଣ୍ଣମେଣ୍ଟ ଦିଲ୍ଲୀ ଉତ୍ସବର ବ୍ୟୟ ପ୍ରଦାନରେ ଅତିଭକ୍ତ ମୁକ୍ତହସ୍ତ ହୋଇ ଭାରତର ଅନ୍ୟ ସମସ୍ତ ସ୍ଥାନର ଉତ୍ସବ ଉପଲକ୍ଷରେ କିଛି ପ୍ରଦାନ କରି ନାହାନ୍ତି ଏହା କୌଣସିମତେ ନ୍ୟାୟସଙ୍ଗତ ହୋଇ ନାହିଁ । ସକଳ ସ୍ଥାନରେ ରାଜୋତ୍ସବ ହେବ ଏବଂ ତହିଁରେ ରାଜକୋଷର କିଛି ସାହାଯ୍ୟ ରହିବା ଏକାନ୍ତ ବାଞ୍ଛନୀୟ । ରାଜସାହାଯ୍ୟ ବିନା ଲୋକେ ସାଧ୍ୟମତ ଉତ୍ସବ କରିବାରେ ତ୍ରୁଟି କରିବେ ନାହିଁ । ମାତ୍ର ପୂର୍ବର ଉତ୍ସବ ତୁଲ୍ୟରେ କାର୍ଯ୍ୟ ହୋଇ ନ ପାରିଲେ ତେତେ ସୁଖ ରହିବ ନାହିଁ । ଆମ୍ଭେମାନେ ଏ ପ୍ରଦେଶର କମିଶନର ସାହେବଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ କି ସେ ଏଠାରେ ପୂର୍ବ ପ୍ରାୟ ଦରବାର ହେବା ଏବଂ ତହିଁର ବ୍ୟୟ ସରକାରରୁ ଦିଆଯିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେ । ଏଠାରେ ଦରବାର ନ ହେଲେ ଗଡ଼ଜାତ ରାଜାମାନଙ୍କର ଏ ଉତ୍ସବରେ ସମସ୍ତେ ମିଶି ଯୋଗ ଦେବାର ଉପାୟ ନାହିଁ । ଆସନ୍ତା ସୋମବାର ପୂର୍ବାହ୍ନ ଘ ୧୧ ଟା ସମୟରେ ଏଠା କଲେଜ ଗୃହରେ ଏହି ଉତ୍ସବ ଉପଲକ୍ଷରେ ଏକ ସଭା ହେବାର ବିଜ୍ଞାପନ ଶ୍ରୀଯୁକ୍ତ କଲେକ୍ଟର ସାହେବ ଦେଇଅଛନ୍ତି । ଭରସାକରୁ ଉକ୍ତ ସଭାରେ ଏ ବିଷୟ ଧାର୍ଯ୍ୟ ହେବ ।

---

### ମାନ୍ୟବର ଲେଫ୍ଟଲାଟଙ୍କର ଅଭ୍ୟର୍ଥନା ।

ମାନ୍ୟବର ବଙ୍ଗେଶ୍ୱର ସର ଜନ ଉଡ଼ବରନ ବାହାଦୁର ଗତ ଅଗଷ୍ଟମାସ ତା ୨୦ ରିଖରେ ଏ ନଗରକୁ ଶୁଭାଗମନ କରିଥିବାରୁ ସାଧାରଣ ଚାନ୍ଦାଦାତା ତାହାଙ୍କର ଉପଯୁକ୍ତ ଅଭ୍ୟର୍ଥନା କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହେବାର ପାଠକମାନଙ୍କୁ ଯଥାକାଳରେ ଜଣାଇଅଛୁଁ । ସେ ସମ୍ବନ୍ଧୀୟ ଆୟବ୍ୟୟର ହିସାବ ଅଭ୍ୟର୍ଥନା କମିଟିର ସେକ୍ରେଟରୀଙ୍କ ଅନୁରୋଧମତେ ଚାନ୍ଦାଦାତା ଏବଂ ଜନସାଧାରଣଙ୍କର ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ । ସେକ୍ରେଟରୀଙ୍କ ପତ୍ରରୁ ଦୁଃଖର ସହିତ ଅବଗତ ହେଲୁଁ ଯେ ଏକ ମାସରୁ ଊର୍ଦ୍ଧ୍ୱକାଳ ଗତ ହୋଇଥିବା ପ୍ରତ୍ୟକ୍ଷେ ହେଲେ ଜଣ ଚାନ୍ଦାଦାତା ନିଜ ନିଜ ସ୍ୱାକ୍ଷରିତ ଚାନ୍ଦା ଏ ପର୍ଯ୍ୟନ୍ତ ଦେଇ ନାହାନ୍ତି ଏବଂ ସେହି ହେତୁ କେତେକ ଲୋକଙ୍କର ପାଉଣା ଆଦାୟ ହୋଇନାହିଁ । ଅତଏବ ନିମ୍ନପ୍ରକାଶିତ ହିସାବ ଶେଷ ହିସାବ ନୁହେ । ଚାନ୍ଦା ସ୍ୱାକ୍ଷର କରି ଆଦାୟ ସହାଣେ ଯେଉଁମାନେ ଏତେ ବିଳମ୍ବ କରି ପ୍ରକୃତ ଲୋକ ଦଣ୍ଡାଉ ଅଛନ୍ତି ସେମାନଙ୍କର କଥା ପାଠକମାନେ ବିଚାର କରନ୍ତୁ ।

ଆୟ ।

ଚାନ୍ଦାଦାତା ଯଥା

| | |
|---|---|
| ଶ୍ରୀ ରାଜା କଣ୍ଟେ କନିକା | ଟ ୪୦୦୯ |
| ରାୟ ହରିବଲ୍ଲଭ ବୋଷ ବାହାଦୁର | ଟ ୧୨୦୯ |
| ଏମ୍, ଏସ୍, ଦାସ ଏସ୍କୋୟାର | ଟ ୧୦୦୯ |
| ଶ୍ରୀ ରାଜା କଣ୍ଟେ ମୟୂରଭଞ୍ଜ | ଟ ୫୦୯ |
| ଶ୍ରୀ ରାଜା କଣ୍ଟେ ଅଠଗଡ଼ | ଟ ୫୦୯ |
| ଏସ୍, ଏନ୍, ପିଶର ଏସ୍କୋୟାର | ଟ ୫୦୯ |
| ରାଜା ବୈକୁଣ୍ଠନାଥ ଦେ ବାହାଦୁର | ଟ ୫୦୯ |
| ବାବୁ ହେମେନ୍ଦ୍ରନାଥ ରାୟ | |
| କମଲ୍ ମେନେଜର | ଟ ୫୦୯ |
| „ ଅରୁଣେନ୍ଦ୍ର ନାଥ ଠାକୁର | ଟ ୫୦୯ |
| „ ରାଧାପ୍ରସାଦ ଭଗତ | ଟ ୫୦୯ |
| „ ନଗେନ୍ଦ୍ରନାଥ ରାୟ ଚଉଧୁରୀ | ଟ ୩୦୯ |

Digitized by srujanika@gmail.com

